## ଏ ସଂଖ୍ୟାରେ...

ପୃଷ୍ଠା

**ବିଶେଷ କଥନ**
ଗ୍ରାମ ପ ାୟତ ସ୍ତରରେ ଅଣକାଷ୍ଠ ବନଜାତ ଦ୍ରବ୍ୟର ପରିଚାଳନା : ଏକ ସମୀକ୍ଷା ୩

**ସଫଳ କାହାଣୀ**
ବ ୍ବାର ନୂଆ ରାହା ଦେଖାଇଲା ଖଜୁରୀ ମହିଳା ମଣ୍ଡଳ ୬

**ନୀତି ସମୀକ୍ଷା**
ସରକାରୀ ନୀତି ନିୟମ ଜାଲରେ ଛନ୍ଦା ବାଉଁଶ କାରିଗର ୭

**ଚାଷବାସ**
ଗୁଗୁଳ ଚ୍ଷ ୮

**ସଭା ସମିତି**
ଜଙ୍ଗଲ ଓ ଜଙ୍ଗଲ ଜୀବିକା ସଂପର୍କିତ ଗଣମାଧ୍ୟମ କର୍ମଶାଳା ୧୦
ଆଦିବାସୀ ଶୋଷଣର ଏକ ଜ୍ୱଳନ୍ତ ନମୂନା ଶାଳପତ୍ର ଖଲି କାରବାର ୧୧

**ଖବରକାଗଜ ପୃଷ୍ଠାରୁ** ୧୨

**ଘରୋଇ ଚିକିତ୍ସା**
ଉପକାରୀ ଔଷଧୀୟ ବୃକ୍ଷ ଅରଖ ୧୪

**ତଥ୍ୟ କି ୍ତ୍**
ଲଘୁ ବନଜାତ ଦ୍ରବ୍ୟର ମୂଲ୍ୟ ନିର୍ଦ୍ଧାରଣ ୧୫
ଲଘୁ ବନଜାତ ଦ୍ରବ୍ୟର ପ୍ରଚଳିତ ବଜାରଦର

## ପାଠକ ପାଠିକାମାନଙ୍କୁ ପଦେ...

**'ଝାର୍‌ଦରବ୍'** ନୂତନ ରୂପରେ ନୂତନ ପରିପାଟିରେ ପରିପ୍ରକାଶ କରିଛି । ଏଣୁ ଏହାର ପାଠିକ ପାଠିକାମାନଙ୍କୁ ଅନୁରୋଧ, ସେମାନେ ଏହି ମୁଖପତ୍ରଟି ସମ୍ପର୍କରେ ଆବଶ୍ୟକୀୟ ମତାମତ ଦେଇ ଏହାକୁ ପାଠ୍ୟଉପଯୋଗୀ କରିବା ନିମନ୍ତେ ସହାୟକ ହେବେ । ଆ ଳିକ ସ୍ତରରେ ଅଣକାଷ୍ଠ ବନଜାତ ଦ୍ରବ୍ୟ ସମ୍ପର୍କିତ ଘଟଣା/ଉଦ୍ୟମ/ସମସ୍ୟା ଜନିତ ଲେଖାଗୁଡ଼ିକ ଏଥିରେ ସ୍ଥାନିତ କରାଯିବ । ଏତ୍‌ବ୍ୟତୀତ ଅଣକାଷ୍ଠ ବନଜାତ ଦ୍ରବ୍ୟର ସଂଗ୍ରହ , ପ୍ରକ୍ରିୟାକରଣ, ବ୍ୟବସାୟ ଜନିତ କୌଣସି ସଫଳ ଉଦ୍ୟମକୁ ମଧ୍ୟ ଏହି ପତ୍ରିକା ମାଧ୍ୟମରେ ଲୋକଲୋଚ୍ନକୁ ଆଣିବାକୁ ପ୍ରୟାସ କରାଯିବ । ଏଭଳି ଉଦ୍ୟମ ବିଷୟରେ ସୂଚ୍ନା ଦେବା ସହ ଏଥି ନିମନ୍ତେ ଲେଖା ପଠାଇବାକୁ ଅନୁରୋଧ । ଆପଣଙ୍କ ସହଯୋଗ ଅପେକ୍ଷାରେ...

**ସଂପାଦନାମଣ୍ଡଳୀ**

## ସମ୍ପାଦକୀୟ...

କାହିଁ କେଉଁ ଅନାଦିକାଳରୁ ଜଙ୍ଗଲରୁ ମିଳୁଥିବା ଦ୍ରବ୍ୟଗୁଡ଼ିକ ସହିତ ଜଙ୍ଗଲ ଅଧିବାସୀମାନଙ୍କର ଏକ ନିଗୂଢ ସଂପର୍କ ରହି ଆସିଛି । ଜଙ୍ଗଲ ଓ ମଣିଷ ପରସ୍ପରର ପରିପୂରକ । ଜଙ୍ଗଲରୁ ମିଳୁଥିବା ଫଳମୂଳ, ପତ୍ର, ଫୁଲ, ବକଳ, ଅଠା, ଝୁଣା, ଜାଳେଣି କାଠ, ମହୁ ଆଦି ପଦାର୍ଥ କେବଳ ଯେ ମଣିଷର ନିତି ଦିନର ଆବଶ୍ୟକତାକୁ ମେ ଇବା ପାଇଁ ଜରୁରୀ ତାନୁହେଁ, ଏହା ଜଙ୍ଗଲ ଓ ଏହାର ଚ୍ରିପାଖରେ ରହୁଥିବା ଲୋକମାନଙ୍କର ଆୟର ଏକ ଅନ୍ୟତମ ପନ୍ଥାଭାବେ ମଧ୍ୟ ପରିଗଣିତ । କେବଳ ଏତିକି ନୁହେଁ ଜଙ୍ଗଲରୁ ମିଳୁଥିବା ରାଜସ୍ୱରେ ସରକାରୀ ରାଜକୋଷ ମଧ୍ୟ ସମୃଦ୍ଧ ହୋଇ ଆସୁଛି । ଏଣୁ ମଣିଷର ଜୀବନଧାରଣ ନିମନ୍ତେ ଜଙ୍ଗଲ ଯେତିକି ଜରୁରୀ, ଜଙ୍ଗଲ ର ଚିରସ୍ଥାୟିତ୍ୱ ନିମନ୍ତେ ଲୋକମାନଙ୍କ ଦ୍ୱାରା ଏହାର ସୁପରିଚ୍ଳନା ମଧ୍ୟ ସେତିକି ଆବଶ୍ୟକ ।

ଜଙ୍ଗଲ ଓ ଜଙ୍ଗଲଜାତ ଦ୍ରବ୍ୟର ନିୟନ୍ତ୍ରଣ, ପରିଚ୍ଳନା ଓ ମାଲିକାନାକୁ ନେଇ ସରକାରଙ୍କ ଦ୍ୱାରା ଗଢ଼ା ହୋଇଛି କିଛି ଆଇନକାନୁନ । ଏହି ଆଇନକାନୁନକୁ ଠିକ ଭାବରେ ବୁଝି ଏହାର ସମୀକ୍ଷାକରି କାର୍ଯ୍ୟକାରୀ କରିବା ନିମନ୍ତେ ଏଥି ସହିତ ଜଡ଼ିତ ସମସ୍ତ ବ୍ୟକ୍ତି ବିଶେଷ/ଅନୁଷ୍ଠାନ ଗୁଡ଼ିକୁ ସଚ୍ତେନ ଓ କ୍ରିୟାଶୀଳ କରିବାର ଆବଶ୍ୟକତା ଅନୁଭୂତ ହୋଇଛି । ରାଜ୍ୟର ଗୋଟିଏ ଅ ଳରେ ବନଜାତ ଦ୍ରବ୍ୟଗୁଡ଼ିକର ପରିଚ୍ଳନା ଓ ନିୟନ୍ତ୍ରଣର ସଫଳ କାହାଣୀ ସବୁକୁ ଅନ୍ୟ ଅ ଳରେ ପହ ାଇବା ନିମନ୍ତେ ପ୍ରଚ୍ର ପ୍ରସାର ଲୋଡ଼ା । ଏହାର ବ୍ୟବହାର ଓ ତତ୍‌ଜନିତ ଆଇନ ସବୁର ପୁନଃପୁନଃ ସମୀକ୍ଷା ହେବା ଜରୁରୀ ।

ଉପରୋକ୍ତ ବିଷୟଗୁଡ଼ିକୁ ଆଖି ଆଗରେ ରଖି ଆର୍.ସି.ଡି.ସି. ଦ୍ୱାରା "ଝାର୍‌ଦରବ୍" ପତ୍ରିକାର ନିୟମିତ ପ୍ରକାଶନ ଏକ କ୍ଷୁଦ୍ର ପ୍ରୟାସ ମାତ୍ର ।

ଏହି ପତ୍ରିକାଟିକୁ ପଢ଼ି ଜଙ୍ଗଲ ଓ ଜଙ୍ଗଲ ଅଧିବାସୀଙ୍କର ଉନ୍ନତି କଳ୍ପେ ଏହାକୁ କାମରେ ଲଗାଇଲେ ଆମର ଉଦ୍ୟମ ସଫଳ ହେଲା ବୋଲି ଜାଣିବୁ ।

ଆପଣଙ୍କର ସୁଚିନ୍ତିତ ମତାମତ ପଠାଇବାକୁ ଅନୁରୋଧ ।

**ସଂପାଦକ**

# ଗ୍ରାମପଞ୍ଚାୟତ ସ୍ତରରେ ଅଣକାଷ୍ଠ ବନଜାତ ଦ୍ରବ୍ୟର ପରିଚାଳନା : ଏକ ସମୀକ୍ଷା

ଆଦିବାସୀ ବହୁଳ ରାଜ୍ୟ ଓଡ଼ିଶାରେ ଜଙ୍ଗଲ ଅଧିବାସୀମାନଙ୍କର ଜୀବନଧାରଣ ଓ ରୋଜଗାରର ମାଧ୍ୟମରୂପେ ଲଘୁବନଜାତ ଦ୍ରବ୍ୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସମୟକ୍ରମେ କୃଷି ଉପରୁ ଲୋକଙ୍କର ଆସ୍ଥା କମି ଯାଉଥିବାବେଳେ, ଲଘୁବନଜାତ ଦ୍ରବ୍ୟ ଲକ୍ଷ ଲକ୍ଷ ଆଦିବାସୀଲୋକଙ୍କର ଜୀବନଜୀବିକାର ମାଧ୍ୟମର ଏକ ବିକଳ୍ପ ଭାବେ ଉଭା ହୋଇଛି। କେନ୍ଦୁପତ୍ର, ମହୁଲ, ଝୁର, ତେନ୍ତୁଳି, ଅଁଳା, ହରିଡ଼ା, ବାହାଡ଼ା, ମହୁ, ଆଦି ଜଙ୍ଗଲଜାତ ଦ୍ରବ୍ୟ ଉପରେ ଏମାନେ ଅଧିକ ନିର୍ଭରଶୀଳ। ଲଘୁବନଜାତ ଦ୍ରବ୍ୟ ଜୀବନଧାରଣର ଏକ ପ୍ରଧାନ ମାଧ୍ୟମ ହୋଇଥିବା ସତ୍ତ୍ୱେ ଗରିବ ଆଦିବାସୀମାନେ ଏହି ସୁବିଧା ସୁଯୋଗର ସଦୁପଯୋଗ କରିବା ନିମନ୍ତେ ସକ୍ଷମ ହୋଇନାହାନ୍ତି।

ଅଣକାଷ୍ଠ ବନଜାତ ଦ୍ରବ୍ୟର ପ୍ରାଥମିକ ସଂଗ୍ରହକାରୀମାନଙ୍କୁ ସଠିକ୍ ମୂଲ୍ୟ ମିଳିବା ନିମନ୍ତେ ସରକାରୀ ସ୍ତରରେ ବିଭିନ୍ନ ସମୟରେ ବିଭିନ୍ନ ନୀତି ନିୟମ ଓ ଆଇନକାନୁନ୍ ଗଢ଼ା ହୋଇଛି। ସମ୍ବିଧାନର ୭୩ତମ ସଂଶୋଧନ ଓ ଭୁରିଆ କମିଟି ରିପୋର୍ଟରେ ସ୍ୱାୟତଶାସନ ସଂସ୍ଥାମାନଙ୍କ ଦ୍ୱାରା ଗୋଷ୍ଠୀସମ୍ବଳ ପରିଚାଳନା ଉପରେ ଗୁରୁତ୍ୱାରୋପ କରାଯାଇ ଏହି ପ୍ରକ୍ରିୟାର ମୂଳଦୁଆ ପଡିଲା। ଏହାପରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପଞ୍ଚାୟତ (ଅନୁସୂଚିତ ଅଞ୍ଚଳକୁ ସଂପ୍ରସାରଣ) ଆଇନ୍ ବା ପେସା ଆଇନ୍ ୧୯୯୬ ଲାଗୁ କରାଗଲା ଯେଉଁଥିରେ ଲଘୁବନଜାତ ଦ୍ରବ୍ୟର ମାଲିକାନା ଗ୍ରାମସଭାକୁ ଦିଆଯିବାକୁ ଉଲ୍ଲେଖ ରହିଛି। ଏହି ପେସା ଆଇନକୁ ଭିତ୍ତିକରି ଓଡ଼ିଶା ସରକାର ୨୦୦୦ ମସିହାରେ ଆଇନ ପ୍ରଣୟନ କରି ୬୮ଟି ଲଘୁବନଜାତ ଦ୍ରବ୍ୟର ମାଲିକାନା, ନିୟନ୍ତ୍ରଣ ଓ ପରିଚାଳନା ସତ୍ତ୍ୱ ଗ୍ରାମପଞ୍ଚାୟତକୁ ହସ୍ତାନ୍ତର କଲେ।

ଏହି ଆଇନ ଅନୁସାରେ ଗ୍ରାମପଞ୍ଚାୟତ ଯଦିଓ ୬୮ଟି ଲଘୁବନଜାତ ଦ୍ରବ୍ୟର ମାଲିକାନା ପାଇଲା, କିନ୍ତୁ ଅଧିକାଂଶ ଗ୍ରାମ ପଞ୍ଚାୟତ କର୍ମକର୍ତ୍ତାମାନେ ଏହି ଆଇନ ବିଷୟରେ ସଂପୂର୍ଣ୍ଣ ଜାଣି ନାହାଁନ୍ତି ବା ଏହାର ତର୍ଜମା କରି କାର୍ଯ୍ୟରେ ଲଗାଇ ନାହାଁନ୍ତି। ଗ୍ରାମପଞ୍ଚାୟତ ଗୁଡ଼ିକ ଏଥିନିମନ୍ତେ ଆଇନ ପ୍ରଣୟନ କରିବା, ଲଘୁବନଜାତ ଦ୍ରବ୍ୟର ମୂଲ୍ୟ ନିର୍ଦ୍ଧାରଣ କରିବା ଓ ସଂଗ୍ରହ ବ୍ୟବସ୍ଥାକୁ ତଦାରଖ କରିବାକୁ ସକ୍ଷମ ହେବା ଆବଶ୍ୟକ।

## ଗ୍ରାମ ପଞ୍ଚାୟତ ସ୍ତରରେ ଲଘୁବନଜାତ ଦ୍ରବ୍ୟର ମାଲିକାନା, ନିୟନ୍ତ୍ରଣ ଓ ପରିଚାଳନା ନିମନ୍ତେ କେତେକ ଜାଣିବା ବିଷୟ

### ମାଲିକାନା କହିଲେ କ'ଣ ବୁଝାଏ ?

- ଲଘୁବନଜାତ ଦ୍ରବ୍ୟର ନିୟନ୍ତ୍ରଣ ଓ ପରିଚାଳନା ନିମନ୍ତେ ଆଇନ ପ୍ରଣୟନ କରିବାର ଅଧିକାର।
- ବିଭିନ୍ନ ଅଣକାଷ୍ଠ ବନଜାତ ଦ୍ରବ୍ୟ ଉପରେ ଟିକସ ବସାଇବାର କ୍ଷମତା।
- ଅମଳଯୋଗ୍ୟ ଅଣକାଷ୍ଠ ବନଜାତ ଦ୍ରବ୍ୟକୁ ନିଷ୍ପତ୍ତି ନେବାର କ୍ଷମତା।
- ଅଣକାଷ୍ଠ ବନଜାତ ଦ୍ରବ୍ୟର ବିକ୍ରେତା ଚୟନ କରିବାର କ୍ଷମତା।
- ଅଣକାଷ୍ଠ ବନଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟର କ୍ଷମତା।
- ଆଇନ ଅମାନ୍ୟକାରୀଙ୍କୁ ଦଣ୍ଡ ଦେବାର କ୍ଷମତା।
- ଅଣକାଷ୍ଠ ବନଜାତ ଦ୍ରବ୍ୟର ପରିଚାଳନା ଏବଂ ବ୍ୟବସାୟ ନିମନ୍ତେ ପାଣ୍ଠି ଯୋଗାଡ କରିବାର କ୍ଷମତା।

### ନିୟନ୍ତ୍ରଣ କହିଲେ କ'ଣ ବୁଝାଏ ?

- ଆଇନଗୁଡ଼ିକୁ ଠିକ୍ ଲାଗୁ ହେବାକୁ ଆବଶ୍ୟକ ନିୟନ୍ତ୍ରଣ କରିବା।
- ଟିକସ ଆଦାୟ ଏବଂ ଏହାର ସଠିକ ବ୍ୟବହାରକୁ ତଦାରଖ କରିବା।
- ଆଇନକୁ ଅମାନ୍ୟ କରୁଥିବା ବ୍ୟବସାୟୀ ମାନଙ୍କର ଲାଇସେନ୍ସକୁ ରଦ୍ଦ କରିବା।
- ଅଣକାଷ୍ଠ ବନଜାତଦ୍ରବ୍ୟ ଅମଳରେ ଅସୁରକ୍ଷିତ କୌଶଳକୁ ବନ୍ଦ କରିବା।
- ଅଣକାଷ୍ଠ ବନଜାତ ଦ୍ରବ୍ୟର ସଠିକ ମୂଲ୍ୟ ନିର୍ଦ୍ଧାରଣରେ ସାହାଯ୍ୟ କରିବା ଏବଂ ବ୍ୟବସାୟୀଙ୍କ ଦ୍ୱାରା ପ୍ରାଥମିକ ସଂଗ୍ରହକାରୀମାନଙ୍କ ଠକେଇକୁ ରୋକିବା।

### ପରିଚାଳନା କହିଲେ କ'ଣ ବୁଝାଏ ?

- ଗ୍ରାମସଭାର ସଭ୍ୟମାନଙ୍କ ମଧ୍ୟରେ ଅଣକାଷ୍ଠ ବନଜାତ ଦ୍ରବ୍ୟର ପରିଚାଳନା ନିମନ୍ତେ ଥିବା ଆଇନକାନୁନ ବାବଦରେ ଅବଗତ କରାଇବା।
- ଏହି ଆଇନ ଗୁଡ଼ିକର ଲାଗୁ ହେବା ନିମନ୍ତେ ବିଧିବଦ୍ଧ ବ୍ୟବସ୍ଥା କରିବା।
- ବ୍ୟବସାୟୀମାନଙ୍କୁଠାରୁ ଟିକସ ସଂଗ୍ରହ।
- ଆୟବ୍ୟୟର ସଠିକ ହିସାବ ରଖିବା।
- ଅଣକାଷ୍ଠ ବନଜାତ ଦ୍ରବ୍ୟର ପରିଚାଳନା ନିମନ୍ତେ ଗ୍ରାମ ପଞ୍ଚାୟତ ଓ ଗ୍ରାମସଭା ଗୁଡ଼ିକର କ୍ଷମତା ବୃଦ୍ଧି ନିମନ୍ତେ ମାନବ ସମ୍ବଳର ସଠିକ୍ ବିନିଯୋଗ
- ଅଣକାଷ୍ଠ ବନଜାତ ଦ୍ରବ୍ୟର ବ୍ୟବସାୟ ଓ ମୂଲ୍ୟଯୁକ୍ତ କରିବା ନିମନ୍ତେ ବ୍ୟବସାୟୀ ଓ ବଜାର ସହାୟକ ସଂସ୍ଥା ମାନଙ୍କ ସହ ଯୋଗାଯୋଗ କରିବା ।

## ଗ୍ରାମପଞ୍ଚାୟତ ତୁଲାଇପାରିବା ଭଳି କେତେକ ଦାୟିତ୍ୱ ଓ କର୍ତ୍ତବ୍ୟ

- ଚଳିତ ସଂଗ୍ରହ ବର୍ଷ ନିମନ୍ତେ ଏକ ବ୍ୟବସାୟ ଯୋଜନା ପ୍ରସ୍ତୁତ କରିବା।
- ମୂଲ୍ୟ ସଠିକ ମିଳିବାକୁ ତଦାରଖ କରିବା।
- ସଂପୃକ୍ତ ନଥିପତ୍ରକୁ ପରିଚାଳନା।
- ଚିରସ୍ଥାୟୀ ଅମଳ ପ୍ରକ୍ରିୟାକୁ ନିଶ୍ଚିତ କରିବା।
- ଅମଳ ପରବର୍ତ୍ତୀ ବର୍ଗୀକରଣ ଓ ପ୍ରକ୍ରିୟାକରଣ ଆଦି ନିମନ୍ତେ ମାନ ନିର୍ଦ୍ଧାରଣ କରିବା।

- ଟିକସ/ରୟାଲଟି ନିମନ୍ତେ ଢା ା ପ୍ରସ୍ତୁତ କରିବା ।
- ମୁକ୍ତ ଓ ଅବାଧ ବାଣିଜ୍ୟ ନିମନ୍ତେ ନିୟମ ପ୍ରସ୍ତୁତ କରିବା ।
- ସ୍ଥାନୀୟ ବନପାଳ, ସ୍ୱେଚ୍ଛାସେବୀ ସଂସ୍ଥା ଓ ଗ୍ରାମ ମୁରବୀମାନଙ୍କୁ ନେଇ ଏକ କାର୍ଯ୍ୟକାରୀ ଦଳ/କମିଟି ଗଠନ କରାଯାଇ ଏହାର ପ୍ରତ୍ୟେକ୍ଷ ତ ୍ୱାବଧାନରେ ଲଘୁବନଜାତ ଦ୍ରବ୍ୟର ସମ୍ଭାବ୍ୟ ସ୍ଥିତି ଆକଳନ କରିବା ।
- କମିଟି ଏହି ଆକଳନ ନିମନ୍ତେ କିଛି ସ୍ୱେଚ୍ଛାସେବୀଙ୍କୁ ନିଯୁକ୍ତ କରିପାରନ୍ତି ।
- ଏହି ଆକଳନ ନିମନ୍ତେ କମିଟି ସ୍ଥାନୀୟ ବ୍ୟବସାୟୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, କୁଚିଆ, ବନ ବିଭାଗ କର୍ମଚାରୀମାନଙ୍କ ସହ ସାକ୍ଷାତ ଆଲୋଚନା କରିପାରେ ।
- ଏଥିନିମନ୍ତେ କମିଟି ପଡୋଶୀ ପ ାୟତ ବା ପଡୋଶୀ ପ ାୟତର ଗ୍ରାମ ମୁଖ୍ୟ ମାନଙ୍କୁ ଭେଟିପାରେ ।
- ମିଳିଥିବା ତଥ୍ୟକୁ କମିଟି ଏକାଠି କରି ଗ୍ରାମପ ାୟତ ସଭାରେ ଏହି ରିପୋର୍ଟରେ ଦାଖଲ କରିବେ ।

## ଗ୍ରାମପ ାୟତ କେଉଁ ନୀତିନିୟମ ସବୁ ପ୍ରସ୍ତୁତ କରିବା ଆବଶ୍ୟକ ?

### ଲଘୁବନଜାତ ଦ୍ରବ୍ୟର ସଠିକ୍ ଅମଳ ପ୍ରକ୍ରିୟା ନିମନ୍ତେ ନିୟମ

ପ୍ରତ୍ୟେକ ମିଳୁଥିବା ଦ୍ରବ୍ୟର ସଠିକ୍ ଅମଳ ପ୍ରକ୍ରିୟା ନିମନ୍ତେ ଏକ ଲେଖା ପ୍ରସ୍ତୁତ କରିବା ଆବଶ୍ୟକ । ଏପିରିକି ଜଙ୍ଗଲରୁ କମ୍ ମିଳୁଥିବା ଦ୍ରବ୍ୟଗୁଡ଼ିକ ନିମନ୍ତେ ମଧ ଏହା ପ୍ରସ୍ତୁତ କରାଯିବ । ଏହା ବନରକ୍ଷୀ, ସ୍ଥାନୀୟ ବୈଦ୍ୟ କିମ୍ବା ଜଙ୍ଗଲ କାର୍ଯ୍ୟକ୍ରମରେ ଜଡିତଥିବା ସ୍ଥାନୀୟ ସ୍ୱେଚ୍ଛାସେବୀ ସଂସ୍ଥାମାନଙ୍କ ସହାୟତାରେ ପ୍ରସ୍ତୁତ କରାଯିବ । ସଠିକ୍ ଅମଳ ପ୍ରକ୍ରିୟାର ଲେଖା ପ୍ରସ୍ତୁତି ବେଳେ ପାରମ୍ପରିକ ଜ୍ଞାନ କୌଶଳ ଏବଂ ବନଜାତ ଦ୍ରବ୍ୟଗୁଡ଼ିକର ଚିରସ୍ଥାୟୀତ୍ୱ ନିମନ୍ତେ ଅମଳ କୌଶଳକୁ ପ୍ରାଧାନ୍ୟ ଦିଆଯିବା ଆବଶ୍ୟକ । ଏହି ଅମଳ ପ୍ରକ୍ରିୟାକୁ ଲାଗୁ କରିବା ନିମନ୍ତେ ବନସୁରକ୍ଷା ସମିତି, ମହିଳା ସମିତି କିମ୍ବା ସ୍ୱୟଂସହାୟକ ଗୋଷ୍ଠୀମାନଙ୍କୁ ଉତ୍ସାହିତ କରାଯାଇପାରେ । କମିଟି ସଠିକ୍ ଅମଳ ପ୍ରକ୍ରିୟା ନିମନ୍ତେ ଏକ ପ୍ରଚାରପତ୍ର ତିଆରି କରିବ । ଏହା ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନଙ୍କ ସହାୟତାରେ ବ୍ୟବସାୟଯୋଗ୍ୟ ଲଘୁବନଜାତ ଦ୍ରବ୍ୟ ଗୁଡ଼ିକ ନିମନ୍ତେ ପ୍ରସ୍ତୁତ କରାଯାଇ ପ ାୟତସୀମା ଭିତରେଥିବା ସ୍ୱୟଂସହାୟକ ଗୋଷ୍ଠୀ, ବନସୁରକ୍ଷା ସମିତି ଓ ସମବାୟ ସଂସ୍ଥାମାନଙ୍କ ମଧ୍ୟରେ ବ ାଯିବ । ଏହି ସଠିକ୍ ଅମଳ ପ୍ରକ୍ରିୟା କଥା ଗ୍ରାମ ପ ାୟତ ବୈଠକର ଆଲୋଚ଼ନା କରାଯିବା ଆବଶ୍ୟକ । ସ୍ଥାନୀୟ ବ୍ୟବସାୟୀମାନଙ୍କୁ ମଧ ଏହି ପ୍ରକ୍ରିୟା ବିଷୟରେ ଅବଗତି କରାଇ ଦିଆଯିବ ।

## ଗ୍ରାମପ ାୟତ କେଉଁ ଦଣ୍ଡବିଧାନ କରିପାରିବ ?

### ଦଣ୍ଡବିଧାନ କରିବା ନିମନ୍ତେ ସ ାବଳୀ

- କମିଟିଦ୍ୱାରା ନିର୍ଦ୍ଧାରଣ କରାଯାଇଥିବା ଅମଳ ଓ ସଂଗ୍ରହ ପ୍ରକ୍ରିୟାକୁ ବ୍ୟବସାୟୀ ଅମାନ୍ୟ କଲେ
- ବ୍ୟବସାୟୀ ଠିକ ସମୟରେ ବ୍ୟବସାୟର ରିପୋର୍ଟ ଦାଖଲ ନ କଲେ
- ବ୍ୟବସାୟୀ ଓଜନ ମାପ ଠକେଇରେ ସଂପୃକ୍ତ ଥିଲେ
- ନିର୍ଦ୍ଧାରିତ ମୂଲ୍ୟଠାରୁ ବ୍ୟବସାୟୀ କମ୍‌ରେ କିଣୁଥିଲେ କିମ୍ବା ଅନ୍ୟ କୌଣସି ଉପାୟରେ ଠକେଇରେ ସଂପୃକ୍ତ ଥିଲେ

## ଗ୍ରାମପ ାୟତ କେଉଁ ନଥିପତ୍ର ରଖିବା ଆବଶ୍ୟକ

ଗ୍ରାମପ ାୟତର ସମ୍ପାଦକ ପ୍ରତ୍ୟେକ ନଥିପତ୍ର ଲେଖାଲେଖି କରିବେ, ଗ୍ରାମପ ାୟତରେ ଥିବା ଜଣେ ଲେଖାପଢ଼ା ଜାଣିଥିବା ବ୍ୟକ୍ତିଙ୍କୁ ସମ୍ପାଦକଙ୍କୁ ସାହାଯ୍ୟ କରିବା ନିମନ୍ତେ ବଛା ଯାଇପାରେ । ଯେଉଁ କାଗଜପତ୍ର ପ୍ରତିବର୍ଷ ଲେଖାଲେଖିହେବା ଆବଶ୍ୟକ ସେଗୁଡ଼ିକ ହେଲା ;

୧. ପଞ୍ଜିକୃତ ବ୍ୟବସାୟୀଙ୍କର ତାଲିକା
୨. ଅଣକାଷ୍ଠ ବନଜାତ ଦ୍ରବ୍ୟର ବ୍ୟବସାୟ କରୁଥିବା ସ୍ୱୟଂସହାୟକ ଗୋଷ୍ଠୀମାନଙ୍କର ଏକ ତାଲିକା
୩. ପ୍ରତ୍ୟେକ ମିଳୁଥିବା ଦ୍ରବ୍ୟର ସମ୍ଭାବ୍ୟ ଆମଦାନୀ ଓ ଉତ୍ପାଦନର ତଥ୍ୟ
୪. ବ୍ୟବସାୟୀଙ୍କ ଦ୍ୱାରା ଦିଆଯାଇଥିବା ମାସିକ ବିବରଣୀ
୫. ବ୍ୟବସାୟୀଙ୍କ ମାସିକ ବିବରଣୀରୁ ପ୍ରସ୍ତୁତ ବାର୍ଷିକ ବିବରଣୀ
୬. ବୈଦ୍ୟମାନଙ୍କର ତାଲିକା
୭. ଆୟର ବିବରଣୀ
୮. ପ ାୟତ ଅ ଳରୁ ବ୍ୟବସାୟୀଙ୍କମାନଙ୍କ ଦ୍ୱାରା ପରିବହନ କରାଯାଉଥିବା ଦ୍ରବ୍ୟର ବିବରଣୀ

## ଲଘୁବନଜାତ ଦ୍ରବ୍ୟର ମୂଲ୍ୟ ନିର୍ଦ୍ଧାରଣରେ ଗ୍ରାମ ପ ାୟତର ଭୂମିକା କ'ଣ ହେବା ଆବଶ୍ୟକ ?

୧. ଗ୍ରାମପ ାୟତ ଅଧିନରେ ଥିବା ଅ ଳରେ ଲଘୁବନଜାତ/ଅଣକାଷ୍ଠ ଦ୍ରବ୍ୟର ସମ୍ଭାବ୍ୟ ଉତ୍ପାଦନ ଗ୍ରାମପ ାୟତ ଆକଳନ କରିବ । ଏହା ସ୍ଥାନୀୟ ଓ୍ୱାର୍ଡମେମ୍ବର, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ/ଯୁବକ ସଂଘ ଓ କୁଚିଆ ବା କ୍ଷୁଦ୍ର ବ୍ୟବସାୟୀ ମାନଙ୍କୁ ନେଇ କରାଯାଇପାରିବ ।
୨. ପୂର୍ବ ବର୍ଷମାନଙ୍କରେ ଗାଆଁ ଦୋକାନ, ସ୍ଥାନୀୟ ହାଟ, ପଡୋଶୀ ହାଟରୁ ବିଭିନ୍ନ ଅଣକାଷ୍ଠ ବନଜାତ ଦ୍ରବ୍ୟ ଗୁଡ଼ିକର ସଂଗ୍ରହ ମୂଲ୍ୟ ଗ୍ରାମପ ାୟତ ସଂଗ୍ରହ କରିବ ।
୩. ଅଣକାଷ୍ଠ ବନଜାତ ଦ୍ରବ୍ୟର ସଂଗ୍ରହ ମୂଲ୍ୟ ଓ ବ୍ୟବସାୟର ପରିମାଣ ସମ୍ବନ୍ଧରେ ନିଷ୍ପ ି ନେବା ନିମନ୍ତେ ଗ୍ରାମପ ାୟତ ସ୍ଥାନୀୟ କୁଚିଆ/କ୍ଷୁଦ୍ର ବ୍ୟବସାୟୀ ଏବଂ ପଡୋଶୀ ଅ ଳରେ ଥିବା କ୍ଷୁଦ୍ର ବ୍ୟବସାୟୀ ମାନଙ୍କୁ ନେଇ ଆଲୋଚନା କରିପାରିବେ । ଏଥି ନିମନ୍ତେ ଏକ ବୈଠକରେ ଆଲୋଚନା କରାଯାଇପାରେ, ନଚେତ୍, ଗ୍ରାମପ ାୟତ କର୍ମକ ାମାନେ ବ୍ୟବସାୟୀମାନଙ୍କ ସହ ବ୍ୟକ୍ତିଗତଭାବେ ଆଲୋଚନା କରି ସେମାନଙ୍କର ବ୍ୟବସାୟ ଓ ବିଭିନ୍ନ ଅଣକାଷ୍ଠ ବନଜାତ ଦ୍ରବ୍ୟର ମୂଲ୍ୟ ବିଷୟରେ ଅବଗତ ହୋଇପାରନ୍ତି ।
୪. ଗ୍ରାପ ାୟତଗୁଡ଼ିକ ପଡୋଶୀ ଗ୍ରାମପ ାୟତମାନଙ୍କ ସହ ଆଲୋଚନା କରି ବିଭିନ୍ନ ଅଣକାଷ୍ଠ ବନଜାତ ଦ୍ରବ୍ୟର ସଂଗ୍ରହ ମୂଲ୍ୟ,ସେହି ଗ୍ରାମପ ାୟତ ଅ ଳରେ ବ୍ୟବସାୟ କରୁଥିବା ବ୍ୟକ୍ତି/ ସଂସ୍ଥାଙ୍କ ସମ୍ବନ୍ଧରେ ଅବଗତ

ହୋଇପାରିବେ । ଅଣକାଷ୍ଠ ବନଜାତ ଦ୍ରବ୍ୟର ବ୍ୟବସାୟର ନିୟନ୍ତ୍ରଣ ନିମନ୍ତେ ପରସ୍ପର ସହଯୋଗ ନିମନ୍ତେ ଯୋଜନା ପ୍ରସ୍ତୁତ କରିପାରିବେ ।

୫. ଅଣକାଷ୍ଠ ବନଜାତ ଦ୍ରବ୍ୟର ସଂଗ୍ରହ ବ୍ୟବସ୍ଥା ଓ ସଂଗ୍ରହ ମୂଲ୍ୟ ବିଷୟରେ ଗ୍ରାମପଞ୍ଚାୟତ ଗ୍ରାମବାସୀ ଓ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ସହ ଆଲୋଚନା କରିପାରିବେ ।

୬. ଗ୍ରାମପଞ୍ଚାୟତର କର୍ମକର୍ତ୍ତାମାନେ ଉପର ଲିଖିତ ପ୍ରଣାଳୀରେ ମିଳିଥିବା ତଥ୍ୟସବୁକୁ ଏକାଠି କରି ଗ୍ରାମପଞ୍ଚାୟତ ବୈଠକରେ ଉପସ୍ଥାପନା କରିବେ । ବିଭିନ୍ନ ଅଣକାଷ୍ଠ ବନଜାତ ଦ୍ରବ୍ୟର ସଂଗ୍ରହ ମୂଲ୍ୟ ନିର୍ଦ୍ଧାରଣ କରିବେ ।

୭. ଏହି ପ୍ରସ୍ତାବିତ ମୂଲ୍ୟକୁ ପଞ୍ଚାୟତ ସମିତିର ଅବଗତି ନିମନ୍ତେ ପଠାଇବେ ।

## ସଂଗ୍ରହ, ସଂରକ୍ଷଣ ଓ ପରିବହନର ତଦାରଖ

ଗ୍ରାମପଞ୍ଚାୟତ ଅଣକାଷ୍ଠ ବନଜାତ ଦ୍ରବ୍ୟଗୁଡ଼ିକର ବ୍ୟବସାୟ ନିମନ୍ତେ ପଞ୍ଜିକୃତ ବ୍ୟବସାୟୀ ମାନଙ୍କର ଏକ ତାଲିକା ଏବଂ ସେମାନଙ୍କର ସଂଗ୍ରହ କେନ୍ଦ୍ରର ଏକ ବିବରଣୀ ଚିଠି ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀ/ଜଙ୍ଗଲ ସୁରକ୍ଷା କମିଟି/ବନ ସୁରକ୍ଷା ସମିତି ମାନଙ୍କୁ ଜଣାଇବେ । ଏହି ସଂସ୍ଥାର କର୍ମକର୍ତ୍ତାମାନଙ୍କୁ ଗ୍ରାମପଞ୍ଚାୟତ ଲଘୁବନଜାତ ଦ୍ରବ୍ୟର ସଂଗ୍ରହକୁ ତଦାରଖ କରିବା ନିମନ୍ତେ ଶିଖାଇବେ ଏବଂ ପ୍ରାଥମିକ ସଂଗ୍ରହକାରୀମାନେ କିଭଳି ସଠିକ ମୂଲ୍ୟ ପାଇବେ ତାହା ସୁନିଶ୍ଚିତ କରିବେ । ଗ୍ରାମପଞ୍ଚାୟତ ସଠିକ ଓଜନ ଓ ମାପ ବ୍ୟବସାୟୀମାନଙ୍କ ଦ୍ୱାରା ଦିଆଯାଇଥିବା ପଞ୍ଜିକରଣର ପ୍ରମାଣ, ପରିବହନ ପରମିଟ ଆଦିକୁ ସୁନିଶ୍ଚିତ କରିବେ। ଗ୍ରାମପଞ୍ଚାୟତ ଅଫିସ ଅଭିଯୋଗ ଗ୍ରହଣ କରିବେ । ଅଭିଯୋଗ ସମ୍ବନ୍ଧରେ ଗ୍ରାମ ପଞ୍ଚାୟତ ବୈଠକରେ ଆଲୋଚନା ହେବା ଆବଶ୍ୟକ ଏବଂ ଆଲୋଚନା ପରେ ଗ୍ରାମପଞ୍ଚାୟତ ଫଳାଫଳ ବ୍ୟବସାୟୀମାନଙ୍କୁ ଜଣାଇଦେବ, ଯଦି କୌଣସି ବ୍ୟବସାୟୀ ନିୟମର ଅବମାନନା କରନ୍ତି ତେବେ ଗ୍ରାମପଞ୍ଚାୟତ ତାଙ୍କର ପଞ୍ଜିକରଣ ରଦ୍ଦ କରିପାରିବେ ।

## ବନଜାତ ଦ୍ରବ୍ୟଗୁଡ଼ିକର ଚିରସ୍ଥାୟୀତ୍ୱ ନିମନ୍ତେ ନିୟମାବଳୀ

କାଳକ୍ରମେ ଲୋପ ପାଇଯାଉଥିବା ବନଜାତ ଦ୍ରବ୍ୟଗୁଡ଼ିକର ସୁରକ୍ଷା ନିମନ୍ତେ କମିଟି କିଛି ଆଇନକାନୁନ ସ୍ଥାନୀୟ ବ୍ୟବସାୟୀଙ୍କ ନିମନ୍ତେ ପ୍ରସ୍ତୁତ କରିବ । ଏଥିନେଇ ଗ୍ରାମପଞ୍ଚାୟତ ଜଙ୍ଗଲ ବିଭାଗ ଏବଂ ବ୍ୟବସାୟିକ ସଂସ୍ଥା ମାନଙ୍କୁ ଏକ ନୋଟିସ ପଠାଇବା ଆବଶ୍ୟକ ।

ଅଳ୍ପ ମିଳୁଥିବା ପ୍ରଜାତିଗୁଡ଼ିକ ସଂଗ୍ରହର ଏକ ସର୍ବାଧିକ ସୀମା ଗ୍ରାମପଞ୍ଚାୟତ ନିର୍ଦ୍ଧାରଣ କରିବ ଏବଂ ବଛାବଛା ବ୍ୟବସାୟୀଙ୍କୁ ଏହାର ସଂଗ୍ରହ ନିମନ୍ତେ ଲାଇସେନ୍ସ ପ୍ରଦାନ କରିପାରିବ । ଲୋପ ପାଇଯାଉଥିବା ପ୍ରଜାତିଗୁଡ଼ିକର ସଂଗ୍ରହ ନିମନ୍ତେ ଗ୍ରାମପଞ୍ଚାୟତ ଲାଇସେନ୍ସ ଦେବ କି ନାହିଁ ତାହା ନିର୍ଦ୍ଧାରଣ କରିବ । ଏହି ନିର୍ଦ୍ଧାରଣ ନିମନ୍ତେ କମିଟିକୁ କ୍ଷମତା ଦିଆଯିବ । ଯଦି କମିଟି ଏହାର ସଂଗ୍ରହ ନିମନ୍ତେ ଲାଇସେନ୍ସ ଦେବାକୁ ବିଚାର କରେ, ତେବେ କାହାକୁ ଦିଆଯିବ ଓ କେତେ ସଂଗ୍ରହ କରିବ ସ୍ଥିର କରାଯିବ। ପ୍ରତ୍ୟେକ ବ୍ୟବସାୟୀଙ୍କର ସଂଗ୍ରହ ଓ କାରବାରର ତଦାରଖ ନିମନ୍ତେ ଜଣେ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦାୟିତ୍ୱ ନ୍ୟସ୍ତ କରାଯିବ । ଏହି ପ୍ରକ୍ରିୟାକୁ ଗ୍ରାମପଞ୍ଚାୟତ କଡାକଡ଼ି ଭାବେ ତଦାରଖ କରିବ ।

## ପ୍ରତିବର୍ଷ ଗ୍ରାମପଞ୍ଚାୟତ କାର୍ଯ୍ୟ କରିବା ନିମନ୍ତେ ସମ୍ଭାବ୍ୟ ସମୟ ନିର୍ଘଣ୍ଟ

କ) ଲଘୁବନଜାତ ଦ୍ରବ୍ୟର ସମ୍ଭାବ୍ୟ ଉତ୍ପାଦନର ଆକଳନ- ଅଗଷ୍ଟ/ସେପ୍ଟେମ୍ବର ମାସ

ଖ) ବ୍ୟବସାୟୀମାନଙ୍କ ସହ ଆଲୋଚନା- ଅଗଷ୍ଟ/ସେପ୍ଟେମ୍ବର ମାସ

ଗ) ପଡୋଶୀ ଗ୍ରାମପଞ୍ଚାୟତ ସହ ଆଲୋଚନା-ଅଗଷ୍ଟ/ସେପ୍ଟେମ୍ବର ମାସ

ଘ) ସ୍ୱେଚ୍ଛାସେବୀ ସଂଗଠନ/ସ୍ୱୟଂ ସହାୟକ ଗୋଷ୍ଠୀ/ବନସୁରକ୍ଷା ସମିତି/ଗ୍ରାମ୍ୟ ଜଙ୍ଗଲ ସୁରକ୍ଷା କମିଟି ସହ ଆଲୋଚ଼ନା- ସେପ୍ଟେମ୍ବର ମାସ

ଙ) ପଞ୍ଚାୟତ ସମିତିକୁ ବିଭିନ୍ନ ଅଣକାଷ୍ଠ ବନଜାତ ଦ୍ରବ୍ୟର ମୂଲ୍ୟ ପ୍ରସ୍ତାବ ଦେବା- ଅଗଷ୍ଟ ମାସର ଶେଷଭାଗ

ଚ) ନିର୍ଦ୍ଧାରିତ ମୂଲ୍ୟର ପ୍ରସାରଣ- ସେପ୍ଟେମ୍ବର/ଅକ୍ଟୋବର ମାସ

ଛ) ବ୍ୟବସାୟୀମାନଙ୍କର ପଞ୍ଜିକରଣ ପ୍ରକ୍ରିୟା- ଅକ୍ଟୋବରରୁ ଏପ୍ରିଲ/ମେ ମାସ ପର୍ଯ୍ୟନ୍ତ । ପଞ୍ଜିକରଣ ପ୍ରକ୍ରିୟା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ ।

- ଦରଖାସ୍ତ ଆହ୍ୱାନ ନିମନ୍ତେ ଗ୍ରାମପଞ୍ଚାୟତ ନୋଟିସବୋର୍ଡରେ ନୋଟିସ ଲଗାଇବା ।
- ଓ୍ୱାର୍ଡମେମ୍ବର ମାଧ୍ୟମରେ ନୋଟିସ ପଠାଇବା ।
- ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ/ ବ୍ୟବସାୟୀଙ୍କୁ ନୋଟିସ ଦେବା ।
- ଦରଖାସ୍ତ ଗ୍ରହଣ ।
- ଗ୍ରାମପଞ୍ଚାୟତରେ ଦରଖାସ୍ତଗୁଡ଼ିକର ଯାଞ୍ଚ ଏବଂ ବୈଠକରେ ଆଲୋଚନା ମାଧ୍ୟମରେ କାର୍ଯ୍ୟଧାରା ଓ ସର୍ତ୍ତାବଳୀ ଠିକ କରିବା ।
- ପଞ୍ଜିକରଣ ସାର୍ଟିଫିକେଟ ପ୍ରଦାନ ।
- ପ୍ରତ୍ୟେକ ଗ୍ରାମ/ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଓ୍ୱାର୍ଡ ମେମ୍ବର ମାଧ୍ୟମରେ ନୋଟିସ ପ୍ରସାରଣ ।

ଜ) ଗ୍ରାମପଞ୍ଚାୟତ ଏହାର ନଥିପତ୍ର ତିଆରି କରିବ

ଝ) ପଞ୍ଚାୟତ ସମିତି ଓ ଜଙ୍ଗଲ ବିଭାଗକୁ ଆବଶ୍ୟକୀୟ କାଗଜାତ ଗ୍ରାମପଞ୍ଚାୟତ ଦାଖଲ କରିବ ।

ଉପରୋକ୍ତ ଆଲେଖ୍ୟରେ ଅଣକାଷ୍ଠ ବନଜାତ ଦ୍ରବ୍ୟର ଗ୍ରାମ ପଞ୍ଚାୟତସ୍ତରରେ ମାଲିକାନା, ପରିଚାଳନା ଓ ନିୟନ୍ତ୍ରଣ ସମ୍ବନ୍ଧିତ ଆଇନର ଏକ ସମୀକ୍ଷା କରାଯାଇଛି । ଏହି ବିଷୟ ସବୁକୁ ଆଖି ଆଗରେ ରଖି ଗ୍ରାମପଞ୍ଚାୟତଗୁଡ଼ିକ ପରିଚାଳନା ଓ ନିୟନ୍ତ୍ରଣ କଲେ ପ୍ରାଥମିକ ସଂଗ୍ରହକାରୀ ଓ ଅଣକାଷ୍ଠ ବନଜାତ ଦ୍ରବ୍ୟର ସଂଗ୍ରହ ଓ ବ୍ୟବସାୟରେ ଲିପ୍ତଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀ, ସଂଘମାନେ ଉପକୃତ ହୋଇପାରିବେ । ଏହି ସଂପର୍କିତ ଆଇନ ଏବଂ ଗ୍ରାମ ପଞ୍ଚାୟତ ସ୍ତରରେ ତାହାର ରୂପାୟନ ନେଇ ଅଧିକ ତର୍ଜମାର ଆବଶ୍ୟକତା ରହିଛି । ଅଣକାଷ୍ଠ ବନଜାତ ଦ୍ରବ୍ୟର ପରିଚାଳନା ଓ ବ୍ୟବସାୟ ସହ ସଂପୃକ୍ତ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ବିଶେଷକରି ପଞ୍ଚାୟତ କର୍ମକର୍ତ୍ତାମାନେ ଏହି ଆଇନକୁ ତର୍ଜମା କରି କାର୍ଯ୍ୟରେ ଲଗାଇଲେ ସୁଫଳ ମିଳିପାରିବ।

▣

# ବ□ବାର ନୂଆ ରାହା ଦେଖାଇଲା ଖଜୁରୀ ମହିଳା ମଣ୍ଡଳ

ରାୟଗଡ଼ା ଜିଲ୍ଲାର ବିଷମକଟକ ବ୍ଲକରେ ଏକ ଛୋଟିଆ ଗାଆଁ ଖଜୁରୀ । ବିଷମକଟକ ରେଳଷ୍ଟେସନଠାରୁ ଚ଼ଟିକୋଣା ଜଳପ୍ରପାତ ଆଡ଼କୁ ୪ କିଲୋମିଟର ବାଟ ଗଲେ ପଡ଼ିବ ଏହି ଗାଆଁ । ଚ଼ରିପାଖରେ ଜଙ୍ଗଲ ଘେରି ରହିଥିବା ଏହି ଗାଆଁରେ ବାସ କରନ୍ତି ୭୩ଟି ପରିବାର । ତା ମଧ୍ୟରୁ ୫୩ଟି ପରିବାର ଡ଼ଙ୍ଗରିଆ କନ୍ଧ ସମ୍ପ୍ରଦାୟର ଏବଂ ଅନ୍ୟ ୨୦ଟି ପରିବାର ହରିଜନ । ଗାଆଁର ସମୁଦାୟ ଲୋକ ସଂଖ୍ୟା ୩୭୫ । ମୁଖ୍ୟତଃ ଡ଼ଙ୍ଗରିଆ କନ୍ଧ ଅଧ୍ୟୁଷିତ ଏହି ଗାଆଁଟିରେ ଲୋକେ କୁଇଭାଷା ବ୍ୟବହାର କରନ୍ତି ।

ଏହି ଗାଆଁର ଅଧିବାସୀମାନେ ଅତ୍ୟନ୍ତ ଗରିବ । ଏପରିକି ବର୍ଷସାରା ପେଟପୂରା ଦୁଇମୁଠା ଖାଇବାକୁ ଏମାନଙ୍କ ଭାଗ୍ୟରେ ଜୁଟେନା । ଅଭାବ/ଅନାଟନରେ ପଡ଼ି ଏମାନେ ସାହୁକାରଙ୍କ ଠାରୁ ଋଣ ଆଣିଥାନ୍ତି । ଠିକ୍ ସମୟରେ ଶୁଝିନପାରିବା ହେତୁ ବର୍ଷ ବର୍ଷ ଧରି ଋଣ ଜାଲରୁ ମୁକୁଳି ପାରନ୍ତି ନାହିଁ ।

ଗୁଣ୍ଡେ ପଦିକାଏ ଜଙ୍ଗଲ ଚ଼ଷ କରି ଯାହା ପାଆନ୍ତି ତାହା ବର୍ଷସାରା ସେମାନଙ୍କର ଗୁଜୁରାଣ ମେ  ାଇବା ନିମନ୍ତେ ଯଥେଷ୍ଟ ହୁଏନା । ଚାଷ ଋତୁ ପରେ ବର୍ଷର ଅର୍ଦ୍ଧାଧିକ ସମୟ ସେମାନେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଓ ଏହାର କିଣାବିକା କରି ଜୀବନଧାରଣ କରିଥା'ନ୍ତି ।

ମାତ୍ର ଅନେକ ପରିଶ୍ରମ କରି ସଂଗ୍ରହ କରିଥିବା ଦ୍ରବ୍ୟଗୁଡ଼ିକୁ ସେମାନେ ନାମକୁ ମାତ୍ର ପଇସାରେ ସ୍ଥାନୀୟ ବ୍ୟବସାୟୀଙ୍କୁ ବିକିବାକୁ ବାଧ ହୋଇଥାଆନ୍ତି । ଆବଶ୍ୟକୀୟ ଜ୍ଞାନକୌଶଳ, ପୁଞ୍ଜି ଓ ଢ଼ା  ାଗତ ବ୍ୟବସ୍ଥାର ଅଭାବ ଯୋଗୁଁ ସେମାନେ ଏହାର ପ୍ରକ୍ରିୟାକରଣ କରିପାରନ୍ତି ନାହିଁ କିମ୍ବା ବଜାରରେ ମୂଲଚାଲ ମଧ କରିପାରନ୍ତି ନାହିଁ ।

ଏହିସବୁ ସମସ୍ୟାକୁ ହୃଦୟଙ୍ଗମ କରି ଡ଼ଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ଏହି ଗାଁର ମହିଳାମାନଙ୍କୁ ଏକାଠି କରିବା ନିମନ୍ତେ ଯୋଜନା କଲେ । ଏହି ସଂସ୍ଥାର ତ  ାବଧାନରେ ୧୯୯୯ ମସିହା ସେପ୍ଟେମ୍ବର ମାସରେ ୧୫ ଜଣ ମହିଳାଙ୍କୁ ନେଇ ଏକ ସଂଘ ଗଠନ କରାଗଲା । ଏହାର ନାମ ରଖାଗଲା ଖଜୁରୀ ମହିଳା ସଂଘ । ଏହି ସଂଘର ସଭାପତି ହେଲେ ଓ୍ୱାକାଡା କାମାରେଡ୍ଡି ଓ ସଂପାଦକ ହେଲେ ସିକା ଟେଲାଜି । ଏହି ଦିନଠାରୁ ସଂଘର ପ୍ରତ୍ୟେକ ସଦସ୍ୟ ଜମା କରିଚ଼ଲିଲେ ମାସିକ କୋଡ଼ିଏ ଟଙ୍କା । ଚାଟିକୋଣାଠାରେ ଥିବା କୋରାପୁଟ ପ  ବଟୀ ଗ୍ରାମ୍ୟବ୍ୟାଙ୍କ ଶାଖାରେ ଏକ ଜମାଖାତା ଖୋଲାଯାଇ ସମସ୍ତ ଟଙ୍କାକୁ ଜମା କରାଗଲା । ନିୟମିତ ଭାବରେ ସଂଘର ସଦସ୍ୟମାନେ ଏକାଠି ହୋଇ ଜଙ୍ଗଲ ସୁରକ୍ଷା, ଗ୍ରାମ ଉନ୍ନୟନ ଭି  କି କେତେକ ମୌଳିକ ସମସ୍ୟା ବିଷୟରେ ଆଲୋଚନା କରୁଥିଲେ । ଏହି ଜମା କରିଥିବା ପଇସାକୁ ପୁଞ୍ଜି କରି ସେମାନେ କିଛି ଆୟକାରୀ ସଂସ୍ଥା କରିବାକୁ ମନ ବଳାଇଲେ । କିନ୍ତୁ ସେମାନେ ଜମା କରିଥିବା ଟଙ୍କା ମୂଳଧନ ନିମନ୍ତେ ଯଥେଷ୍ଟ ନଥିଲା । ଏଣୁ ଅଧିକ ପୁଞ୍ଜି ନିମନ୍ତେ ସେମାନେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର କର୍ମକ  ାମାନଙ୍କୁ ଜଣାଇଲେ । ଏହି ଗୋଷ୍ଠୀର ପ୍ରକ୍ରିୟାକୁ ଅନୁଧ୍ୟାନ କରି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଏହି ଗୋଷ୍ଠୀକୁ ୫୦୦୦ଟଙ୍କା ଋଣ ସାହାଯ୍ୟ ଦେଲେ । ଏହି ସଂଘର ସଦସ୍ୟମାନଙ୍କର ବ୍ୟବସାୟ ଓ ଅର୍ଥ ପରିଚ଼ଳନା ଶୈଳୀ ଓ ଉତ୍ସାହକୁ ଭି  କରି ଡ଼ଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ଏହି ଉଦ୍ୟମକୁ ଆଗକୁ ବଡାଇବା ନିମନ୍ତେ ମନବଳାଇଲେ । ଏହାପରେ ଡ଼ଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ସେମାନଙ୍କୁ ୨୫୦୦୦ ଟଙ୍କା ଋଣ ସାହାଯ୍ୟ ଦେଲା । କେବଳ ଆର୍ଥିକ ସହାୟତା ନୁହେଁ, ଗୋଷ୍ଠୀ ସଦସ୍ୟମାନଙ୍କର ଉତ୍ସାହକୁ ଦେଖି ୨୦୦୨ ମସିହାରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଫୁଲଝାଡ଼ୁର ପ୍ରକ୍ରିୟାକରଣ ନିମନ୍ତେ ଏକ ସାତଦିନବ୍ୟାପୀ ତାଲିମ କାର୍ଯ୍ୟକ୍ରମର ମଧ ଆୟୋଜନ କଲେ । ମହିଳାମାନଙ୍କ ମନରେ ଆଶାର ସଚ଼ର ହେଲା ।ଏହାଦ୍ୱାରା ସଂଘର ସଦସ୍ୟମାନଙ୍କର ଅର୍ଥ ଓ କ  ାମାଲ ପରିଚ଼ଳନା ସହ ଏହାକୁ ପ୍ରକ୍ରିୟାକରଣ କରି ମୂଲ୍ୟଯୋଗ କରିବାର ଦକ୍ଷତାରେ ଉନ୍ନତି ଘଟିଲା । ସେମାନେ ନିଜେ ବ୍ୟବସାୟ କରି ରୋଜଗାର କରିପାରିବେ ବୋଲି ଆତ୍ମବିଶ୍ୱାସ ଜନ୍ମିଲା ।

୨୦୦୨-୦୩ ମସିହାରେ ପ୍ରଥମଥର ପାଇଁ ଏହି ଗୋଷ୍ଠୀ ଫୁଲଝାଡ଼ୁ ବ୍ୟବସାୟିକ ଭି  ରେ ସଂଗ୍ରହ କଲେ । ଏହି ଗୋଷ୍ଠୀର ତାଲିମପ୍ରାପ୍ତ ସଦସ୍ୟମାନେ ଫୁଲଝାଡ଼ୁ ନିମନ୍ତେ ୧୦୦୦ କିଲୋଗ୍ରାମ କ  ାମାଲ ଜଙ୍ଗଲରୁ ସଂଗ୍ରହ କଲେ ଓ ଏହି କ  ାମାଲରେ ସେମାନେ ପ୍ରସ୍ତୁତ କଲେ ୩୦୦୦ଟି ଫୁଲଝାଡ଼ୁ । ଝାଡ଼ୁ ନିମନ୍ତେ କ  ାମାଲ ସଂଗ୍ରହ ଓ ଝାଡ଼ୁ ବାନ୍ଧିବା ନିମନ୍ତେ ମଜୁରୀ ଖର୍ଚ୍ଚ, ପରିବହନ ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦ ୩୨୦୦୦ ଟଙ୍କା ଖର୍ଚ୍ଚ ହେଲା । ଝାଡ଼ୁ ଗୋଟିକୁ ୧୨ ଟଙ୍କା ଦରରେ ବିକ୍ରି ହେଲା । ସମସ୍ତ ଖର୍ଚ୍ଚ ଯାଇ ଏହି ବ୍ୟବସାୟରେ ଲାଭ ହେଲା ୪୦୦୦ ଟଙ୍କା । ଏହି ଟଙ୍କା ସମାନ ଭାବରେ ସଂଘର ସଦସ୍ୟମାନଙ୍କ ମଧ୍ୟରେ ବ  ାହେଲା । ପରିଶ୍ରମର ଫଳ କେବେ ବୃଥା ଯାଏନା ଏହା ସେମାନେ ହୃଦୟଙ୍ଗମ କଲେ । ଏହି ପ୍ରକ୍ରିୟା ଗୋଷ୍ଠୀର ସଦସ୍ୟମାନଙ୍କର ଉତ୍ସାହ ଓ ସାହାସକୁ ଦ୍ୱିଗୁଣିତ କଲା । ସେମାନେ ସାମୁହିକ ସ୍ତରରେ ଝାଡ଼ୁ ବ୍ୟତୀତ ଅନ୍ୟ ବନଜାତ ଦ୍ରବ୍ୟଗୁଡ଼ିକର ସଂଗ୍ରହ, ପ୍ରକ୍ରିୟାକରଣ ଓ ବ୍ୟବସାୟ ନିମନ୍ତେ ମନ ବଳାଇଛନ୍ତି । ଯୋଜନାବଦ୍ଧ ଓ ନିଷ୍ଠାର ସହିତ କାର୍ଯ୍ୟକଲେ ଯେ ସୁଫଳ ମିଳିଥାଏ, ଖଜୁରୀ ମହିଳା ମଣ୍ଡଳ ତାହାର ଏକ ନିଛକ ଉଦାହରଣ ।

◙

# ସରକାରୀ ନୀତିନିୟମ ଜାଲରେ ଛନ୍ଦା ବାଉଁଶ କାରିଗର

ଯେଉଁ ବ୍ୟକ୍ତି ବାଉଁଶରୁ କୁଲା, ବାଉଁଶିଆ ଟୋକେଇ, ଡାଲା ଆଦି ସାମଗ୍ରୀ ପ୍ରସ୍ତୁତ କରି ସର୍ବସାଧାରଣଙ୍କୁ ବିକ୍ରିକରି ନିଜର ଗୁଜୁରାଣ ମେ ାଇଥାଏ, ସେମାନଙ୍କୁ ବାଉଁଶ କାରିଗର କୁହାଯାଏ । ଜଙ୍ଗଲରୁ ସେମାନଙ୍କୁ ବାଉଁଶ ଯୋଗାଣ ନିମନ୍ତେ ସରକାର ୧୯୮୦ ମସିହାରେ ଏକ ଆଇନ ପ୍ରସ୍ତୁତ କଲେ । ସମୟ ବଦଳିଲା, ଆଇନ ବଦଳିଲା, ଆଉ ବଦଳିଲା ବାଉଁଶକାରିଗରର ଭାଗ୍ୟ । ଏହାକୁ ନେଇ ଏକ ଉପସ୍ଥାପନା...

### କ'ଣ ଥିଲା ଆଇନ ?

ଓଡ଼ିଶା ଜଙ୍ଗଲ ଆଇନ ୧୯୭୨ ଧାରା ୩୬ (ଗ), ୩୬ (ଘ) ଓ ୩୬ (ଙ) ଅନୁଯାୟୀ "ବାଉଁଶ କାରିଗର ତଥା ସମବାୟ ସମିତିଗୁଡ଼ିକୁ ବାଉଁଶ ଯୋଗାଣ ନିୟମ (ଓଡ଼ିଶା) ୧୯୮୦ ପ୍ରଣୟନ କରିଛନ୍ତି । ଏହି ନିୟମକୁ ଭି ି କରି ଓଡ଼ିଶା ସମବାୟ ସମିତି ଆଇନ ୧୯୬୨ ଅନୁଯାୟୀ ରେଜିଷ୍ଟ୍ରିଭୁକ୍ତ ବାଉଁଶ କାରିଗରମାନଙ୍କର ସମବାୟ ସମିତିଗୁଡ଼ିକ ମଧ୍ୟ ଜଙ୍ଗଲରୁ ବାଉଁଶ କାଟିବା ପାଇଁ ଲାଇସେନ୍ସ ପାଇପାରିବେ ।

ଏହି ଆଇନ ଅନୁସାରେ, ଯଦି କୌଣସି ବାଉଁଶ କାରିଗର ପରିବାରର କିମ୍ବା ସମବାୟ ସମିତିର ସଦସ୍ୟମାନେ ବାଉଁଶଜାତ ପଦାର୍ଥ ଉତ୍ପାଦନ ନିମନ୍ତେ ଆଗ୍ରହୀ, ସେମାନେ ସଂପୃକ୍ତ ଅ ଳର ଫରେଷ୍ଟ ରେଞ୍ଜର(ଟେରୀଟୋରୀ)ଙ୍କ ନିକଟରେ ନିଜ ନାମ ପଞ୍ଜିକରଣ କରିବା ଆବଶ୍ୟକ । ଏହି ଆବେଦନ ପତ୍ର ସହିତ ସ୍ଥାନୀୟ ସରପ  କିମ୍ବା ମ୍ୟୁନିସିପାଲଟି ବା ବିଜ୍ଞାପିତ ଅ ଳ ପରିଷଦ (ଏନ୍.ଏ.ସି) ହୋଇଥିଲେ ୱାର୍ଡ ମେମ୍ବରଙ୍କଠାରୁ ଏକ ପରିଚୟ ପ୍ରମାଣପତ୍ର ସଂଲଗ୍ନ କରିବେ ।

ପତ୍ୟେକ ଲାଇସେନ୍ସଧାରୀଙ୍କୁ ବାଉଁଶକଟା ନିମନ୍ତେ ନିରୂପିତ ସମୟ (ଅକ୍ଟୋବର ୧ ରୁ ଜୁନ୍ ୩୦ ତାରିଖ) ମଧ୍ୟରେ ୫୪୦ଟି ପର୍ଯ୍ୟନ୍ତ ଶାଳିଆ ବାଉଁଶ ନେବା ପାଇଁ ପରମିଟ୍ ଦିଆଯାଇ ପାରିବ । କିନ୍ତୁ ଏକକାଳୀନ ୨୦ଟି ବାଉଁଶରୁ ଅଧିକ କିମ୍ବା ଏକ ମାସ ମଧ୍ୟରେ ୬୦ ଟି ବାଉଁଶରୁ ଅଧିକ ବାଉଁଶ ନେବା କାଟିବା ନିମନ୍ତେ ଅନୁମତି ମିଳିବ ନାହିଁ । ଏମାନେ କେବଳ ସୁରକ୍ଷତି ଜଙ୍ଗଲରୁ ବାଉଁଶ ସଂଗ୍ରହ କରିପାରିବେ ।

ପରମିଟ୍ ଅନୁଯାୟୀ ବାଉଁଶଗୁଡ଼ିକ ୨ ବର୍ଷରୁ କମ୍ ଦିନର ହୋଇନଥିବା ଆବଶ୍ୟକ । ଲାଇସେନ୍ସଧାରୀ ତାଙ୍କ ଲାଇସେନ୍ସ ଦେଖାଇବା ସଙ୍ଗେ ସଙ୍ଗେ ବାଉଁଶର ମୂଲ୍ୟ ପଇଠ କରିବା ପରେ ଫରେଷ୍ଟର କିମ୍ବା ତଦୁର୍ଦ୍ଧ ବନଅଧିକାରୀ ପରମିଟ୍ ଦେଇପାରିବେ । ଏହି ଆଇନ ଅନୁଯାୟୀ ୧୯୮୮ ମସିହାରେ ବାଉଁଶର ଜାତୀୟକରଣ ହେବା ପର୍ଯ୍ୟନ୍ତ କାରିଗରମାନଙ୍କୁ ଲାଇସେନ୍ସ ଓ ପରମିଟ ମିଳିବାର ଉଦାହରଣ ରହଛି ।

### ନୂଆ ଆଇନର ପ୍ରଭାବ

ଓଡ଼ିଶା ଜଙ୍ଗଲ ଦ୍ରବ୍ୟ (ବ୍ୟବସାୟ ନିୟନ୍ତ୍ରଣ ଆଇନ, ୧୯୮୧ କୁ ଭି ି କରି ୧୯୮୮ ମସିହା ଅକ୍ଟୋବର ମାସରେ ବାଉଁଶର ଜାତୀୟକରଣ କରାଗଲା । ଏହା ପରେ ପରେ ରାଜ୍ୟ ସରକାରଙ୍କ ଅଧିନରେ ଥିବା ଜମି ଏପରିକି ବ୍ୟକ୍ତଗତ ଜମିରୁ ମଧ୍ୟ ବାଉଁଶ କାଟିବା ଓ ସଂଗ୍ରହ କରିବା ବାତିଲ କରାଗଲା । କିନ୍ତୁ କାରିଗରଙ୍କୁ ବାଉଁଶ ଯୋଗାଣ ନିମନ୍ତେ ଆଇନରେ କୌଣସି ସ୍ପଷ୍ଟତା ନଥିଲା । ଏହି ଆଇନ ଫଳରେ ପୂର୍ବରେ ଥିବା ବାଉଁଶ ଯୋଗାଣ ନିୟମ (ଓଡ଼ିଶା) ୧୯୮୦ କାର୍ଯ୍ୟକାରୀ ହେବାରେ ବାଧା ଉପୁଜିଲା ।

ଯଦିଓ ନୂତନ ଆଇନରେ ଏହା ଲିପିବଦ୍ଧ ଅଛି ଯେ ଏହା ସ୍ଥାନୀୟ ଆଦିବାସୀଙ୍କର ବନ୍ୟଜାତ ଦ୍ରବ୍ୟ ସଂଗ୍ରହ ସହିତ ଜଡିତ ପାରମ୍ପରିକ ଅଧିକାରକୁ କ୍ଷୁର୍ଣ୍ଣ କରିବ ନାହିଁ , କିନ୍ତୁ ବାଉଁଶର ଜାତୀୟକରଣ ପରେ ନୂଆପଡ଼ା, ନୟାଗଡ଼, ବୌଦ, ବରଗଡ଼, କେଉଁଝର, ମୟୁରଭଞ୍ଜ ଜିଲ୍ଲାରେ ରହୁଥିବା ଆଦିବାସୀମାନେ ସରକାରୀ ଜଙ୍ଗଲରୁ ଆଇନତଃ ବାଉଁଶ କାଟିବାକୁ ସୁଯୋଗ ପାଉନାହାଁନ୍ତି । ଏହି ଆଦିବାସୀ କାରିଗରମାନେ ସେମାନଙ୍କର ପାରମ୍ପରିକ ଅଧିକାର ବିଷୟରେ ଜାଣି ନାହାଁନ୍ତି ।

ଯଦିଓ କାରିଗରମାନେ ସୁରକ୍ଷିତ ଜଙ୍ଗଲରୁ ବାଉଁଶ ସଂଗ୍ରହ କରିବାକୁ ଯୋଗାଣ ନିୟମରେ ସ୍ପଷ୍ଟ ଉଲ୍ଲେଖ ଅଛି, ଜଙ୍ଗଲ ବିଭାଗର ଅଧିକାରୀମାନେ କାରୀଗରମାନଙ୍କର ଆବଶ୍ୟକ ମୁତାବକ ବାଉଁଶ ସୁରକ୍ଷିତ ଜଙ୍ଗଲରେ ମିଳିବ ନାହିଁ ବୋଲି ମତ ଦିଅନ୍ତି । ଯୋଗାଣ ନିୟମର ୭ ଧାରାରେ ଏହା ଉଲ୍ଲେଖ ଅଛି ଯେ ରାଜ୍ୟ ସରକାର/ଜଙ୍ଗଲ ବିଭାଗ ପୃଥକ ଦରରେ ଲାଇସେନ୍ସଧାରୀମାନଙ୍କୁ ବାଉଁଶ ଯୋଗାଣ ନିମନ୍ତେ ପୃଥକ ଡିପୋ ଖୋଲିପାରିବେ । କିନ୍ତୁ ଅଦ୍ୟାବଧି ଏଭଳି କୌଣସି ଡିପୋ ଖୋଲାଯାଇନାହିଁ । ଓଡ଼ିଶା ବନ ଉନ୍ନୟନ ନିଗମ ଦ୍ୱାରା ଖୋଲା ଯାଇଥିବା ଡିପୋଗୁଡ଼ିକରେଏହି ଲାଇସେନ୍ସଧାରୀ ମାନଙ୍କୁ ବାଉଁଶ  ଯୋଗାଇ ଦିଆଯାଉନାହିଁ । କାରଣ ଏହି ଡିପୋଗୁଡ଼ିକ ସଂରକ୍ଷିତ ଜଙ୍ଗଲ ଅ ଳରେ ଅବସ୍ଥିତ, ତେଣୁ ଲାଇସେନ୍ସଧାରୀମାନେ ଏଥିରୁ ଆଇନତଃ ବାଉଁଶ ସଂଗ୍ରହ କରିପାରିବେ ନାହିଁ ।

ଯଦିଓ ସରକାର ଜନସ୍ୱାର୍ଥ ଦୃଷ୍ଟିରୁ ଓଡ଼ିଶା ବନ ଉନ୍ନୟନ ନିଗମକୁ ଲାଇସେନ୍ସଧାରୀ/କାରିଗର/ ଅନ୍ୟ ବ୍ୟକ୍ତବିଶେଷଙ୍କୁ ବାଉଁଶ ଯୋଗାଣ ନିମନ୍ତେ ଆଦେଶ ଦେଇପାରିବେ, ଏଯାବତ୍ ଏଭଳି କୌଣସି ପଦକ୍ଷେପ ନିଆଯାଇନାହିଁ ।

ନିୟମାନୁସାରେ, କାର୍ଯ୍ୟ ଯୋଜନା (ୱାର୍କି ପ୍ଲାନ୍) ମୁତାବକ ବିଭିନ୍ନ ଡିଭିଜନରେ ବାଉଁଶ କଟାଯାଇପାରିବ । ଆବଶ୍ୟକୀୟ କାର୍ଯ୍ୟ ଯୋଜନା (ୱାର୍କି ପ୍ଲାନ)ର ଅଭାବରୁ ବିଭିନ୍ନ ଡିଭିଜନରେ ବାଉଁଶ କଟା ଯାଇପାରୁନଥିଲା । ଏଣୁ ବିଚରା କାରିଗରଟି ମଧ୍ୟ ଏହି ଆଇନର ଶିକାର ହୋଇ ବାଉଁଶ ପାଇବାରୁ ବ ୍ତ ହେଉଥିଲା ।

କାରିଗରଙ୍କର ୨ ବର୍ଷରୁ କମ୍ ବୟସର ବାଉଁଶ କାର୍ଯ୍ୟରେ ଲାଗୁଥିବା ବେଳେ ନିୟମ ଅନୁସାରେ ୨ ବର୍ଷରୁ କମ୍ ବୟସର ବାଉଁଶ କାଟିବାକୁ ବା ସଂଗ୍ରହ କରିବା ନିମନ୍ତେ ପରମିଟ ଦିଆଯାଇପାରିବନାହିଁ ।

ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶକଙ୍କ କହିବା ଅନୁଯାୟୀ ରାଜ୍ୟରେ ପ୍ରାୟ ତିରିଶ ହଜାର ବାଉଁଶ କାରିଗର ଅଛନ୍ତି । ସେମାନଙ୍କର ଜୀବନଧାରଣର ମୁଖ୍ୟ ଉତ୍ସ ହେଲା ବାଉଁଶ । ଦୀର୍ଘଦିନଧରି ବାଉଁଶ ଯୋଗାଣ ବନ୍ଦହେବାରୁ ସେମାନଙ୍କର ଜୀବିକା ଉପରେ ଏହାର ଗଭୀର ପ୍ରତିକୂଳ ପ୍ରଭାବ ପଡ଼ିଛି । ଏହି କାରିଗରମାନଙ୍କର ଦୁରାବସ୍ଥା କହିଲେ ନସରେ । ଆବଶ୍ୟକୀୟ ଦକ୍ଷତା ନଥିବାରୁ ସେମାନେ ଅନ୍ୟ କାର୍ଯ୍ୟ କରିବାକୁ ଆଗଭର ହେଉନାହାଁନ୍ତି । ଆାବଶ୍ୟକୀୟ ଆଇନଗତ ସଂଶୋଧନ କରି ବେଳହୁଁ ଉପାୟ ନକଲେ ଏହି ବାଉଁଶ ଶିଳ୍ପ ଲୋପ ପାଇଯିବାର ଆଶଙ୍କା ରହିଛି ।

# ଗୁଗୁଳ ଚାଷ

ଆୟୁର୍ବେଦୀୟ ଔଷଧ ପ୍ରସ୍ତୁତିରେ ବ୍ୟବହୃତ ଉପାଦାନ ଗୁଡ଼ିକ ମଧ୍ୟରୁ ଗୁଗୁଳ ହେଉଛି ଅନ୍ୟତମ । ଏହାର ବୈଜ୍ଞାନିକ ନାମ ହେଲା କୋମିଫୋରା ଆଗଲୋଚୋଆ । ଏହା ଆମ ଦେଶରେ ବେଶ ଜଣାଶୁଣା ଜିନିଷଟିଏ । ଗୁଗୁଳ ହେଉଛି ଏକ ଗଛରୁ ଉତ୍ପାଦିତ ରସ ବା ଅଠା ଜାତୀୟ ଦ୍ରବ୍ୟ । ଗଛର କାଣ୍ଡରୁ ନିର୍ଗତ କ୍ଷୀରରୁ ଏହା ଉତ୍ପାଦନ ହୋଇଥାଏ । ଭାରତ ବାହାରେ ମଧ୍ୟ ଗୁଗୁଳର ଆଦର ଅନେକ । ଗୁଗୁଳକୁ ଅନ୍ୟାନ୍ୟ ଭାଷାରେ ଗମ୍ ଗୁଗୁଳ, ସୁବାସିତ ତେଲମ୍, ମୌଶାଖିଗୁଗୁଳ, ଦେବଧୂପ, କୈଶିବାହା ଆଦି ମଧ୍ୟ କୁହାଯାଏ ।

ଗୁଗୁଳ ବିଭିନ୍ନ ପ୍ରକାରର ହୋଇଥାଏ । ମହିଷାକ୍ଷ, ମହାନୀଳ, ପଦ୍ମ ମରୁସୁଧା, କନକ ଗୁଗୁଳ ପରି ବହୁ ପ୍ରକାରର ଗୁଗୁଳ ରହିଛି ।

ଗୁଗୁଳ ଗଛ ଦୁଇରୁ ତିନି ମିଟର ପର୍ଯ୍ୟନ୍ତ ଉଚ୍ଚ ହୋଇଥାଏ ଏବଂ ଏହାର କ ‍ । ଭଳି ଈଶତ୍ ହଳଦିଆ ତଥା ବାଦାମୀ ରଙ୍ଗର ଶାଖାମାନ ଥାଏ । ଏହାର ପତ୍ର ସମ୍ଭାର ବେଶ୍ ଗହଳିଆ ହୋଇଥାଏ ।

ଗୁଗୁଳକୁ ବ୍ୟବସାୟିକ ଭି ିରେ ଚାଷ କରିବା ପାଇଁ ନିମ୍ନଲିଖିତ କେତୋଟି କଥା ଉପରେ ଦୃଷ୍ଟି ଦେବାକୁ ହୋଇଥାଏ ।

ଗୁଗୁଳକୁ ସମୁଦ୍ର ପ ‍ ନଠାରୁ ୬୦୦ରୁ ୧୦୦୦ ମିଟର ଉଚ୍ଚତାରେ ଚାଷ ମଧ୍ୟ କରାଯାଇ ପାରିଥାଏ ।

**ଜଳବାୟୁ**

ଗୁଗୁଳ ଚାଷ ପାଇଁ ସର୍ବୋଚ୍ଚ ଉ ‍ ।ପ ୩୦ ଡିଗ୍ରୀରୁ ୩୭ ଡିଗ୍ରୀ ମଧ୍ୟରେ ଏବଂ ସର୍ବନିମ୍ନ ଉ ‍ ।ପ ୨୦ ରୁ ୨୫ ଡିଗ୍ରୀ ମଧ୍ୟରେ ରହିବା ଆବଶ୍ୟକ । ଯେଉଁଠାରେ ୧୦୦ ରୁ ୪୦୦ ମିଲିମିଟର ମଧ୍ୟରେ ବର୍ଷା ହେଉଥିବ ସେଠାରେ ଏହି ଫସଲକୁ ଚାଷ କରାଯାଇ ପାରିବ । ଶୁଷ୍କ ବା ନିପାଣିଆ ଅ ‍ ଳରେ ଗୁଗୁଳ ଚାଷ ବେଶ୍ ଭଲ ହୋଇଥାଏ । ଏହାର ମରୁଡ଼ି ଏବଂ ଲୁଣି ପ୍ରତିରୋଧକ ଶକ୍ତି ରହିଛି । ଏହାକୁ ଉ ‍ ପ୍ତ ଏବଂ ପାହାଡ଼ିଆ ଅ ‍ ଳରେ ବେଶ୍ ଭଲ ଭାବେ ଚାଷ କରାଯାଇଥାଏ ।

**ମାଟି**

ଏଥିପାଇଁ ବାଲିଆ ଦୋରସା ମାଟି ଓ ପାଉଁଶିଆ ମାଟି ଅଧିକ ଉପଯୋଗୀ । ଏଥିପାଇଁ ପଥୁରିଆ, ଗଡ଼ାଣିଆ ଓ ଭଲ ଭାବରେ ଜଳ ନିଷ୍କାସିତ ହୋଇ ପାରୁଥିବା ଜମିକୁ ହିଁ ବଛା ଯାଇଥାଏ । ମାଟିର ପିଏଚ୍ ପରିମାଣ ୭.୫ରୁ ୯ ମଧ୍ୟରେ ରହିବା ଉଚିତ ବୋଲି ଧରାଯାଇଥାଏ ।

**ଚାରା ପ୍ରସ୍ତୁତି**

ଗୁଗୁଳ ଚାରା ଦୁଇ ପ୍ରକାରରେ ଉତ୍ପାଦିତ ହୋଇଥାଏ । ଏହାକୁ ଗୁଗୁଳ ଗଛର ମଞ୍ଜି ତଥା ଏହାର ଡାଳରୁ ଉତ୍ପାଦନ କରାଯାଇପାରେ ।

**<u>ମଞ୍ଜିଦ୍ୱାରା</u>**

ମଞ୍ଜିରୁ ଚାରା କରି ଗୁଗୁଳ ଲଗାଇବାକୁ ହେଲେ ଜୁଲାଇ ମାସରୁ ସେପ୍ଟେମ୍ବର ମାସ ମଧ୍ୟରେ ଚାରା ପାଇଁ ତଳି ପକାଇବା କାର୍ଯ୍ୟ କରାଯିବା ଉଚିତ୍ । କାରଣ ଏହି ସମୟରେ ମଞ୍ଜିରୁ ଗଜା ବାହାରିବାର କ୍ଷମତା ଅଧିକ ଥାଏ ।

ତଳି ପକାଯିବା ପାଇଁ କିଆରୀ ପ୍ରସ୍ତୁତି କଲାବେଳେ ପାଣି ଜମୁନଥିବା ଗଡ଼ାଣିଆ ଜମିରେ ହିଁ ଏଥିପାଇଁ କିଆରୀ ପ୍ରସ୍ତୁତ କରାଯିବା ଉଚିତ୍ । ବର୍ଷାଦିନ ପରେ ପରେ ଜମିର ଆର୍ଦ୍ରତା ଅଧିକ ଥିବାବେଳେ ହିଁ କିଆରୀକୁ ହଳ କରିଦେବାକୁ ହୁଏ । ମଞ୍ଜି ବୁଣିବା ପୂର୍ବରୁ ଖରାପ ପୋକଖିଆ ମଞ୍ଜିଗୁଡ଼ିକୁ ବାହାର କରିଦେଇ ଭଲ ଭଲ ମଞ୍ଜିକୁ କିଆରୀରେ ଲଗାଯିବା ଉଚିତ୍ । କିଆରୀରେ ବୁଣାଯାଇଥିବା ମଞ୍ଜିରୁ ମାତ୍ର ୫ ପ୍ରତିଶତ ମଞ୍ଜିରୁ ହିଁ ଗଜା ବାହାରିଥାଏ । ହେଲେ ମଞ୍ଜିରୁ ଉତ୍ପାଦନ କରାଯାଇଥିବା ଗଛର ସ୍ୱାସ୍ଥ୍ୟ ଭଲରହେ ଏବଂ ଏହା ଜୋର୍‌ରେ ପବନରେ ମଧ୍ୟ ସହଜେ ଉପୁଡ଼େ ନାହିଁ ।

**<u>ଡାଳଦ୍ୱାରା</u>**

ଡାଳରୁ ଗଛ କରିବାକୁ ହେଲେ ଜୁନ୍ ବା ଅକ୍ଟୋବରରୁ ନଭେମ୍ବର ମାସ ମଧ୍ୟରେ ଡାଳ ଗୁଡ଼ିକୁ କାଟି ତଳି କିଆରୀରେ ପୋତି ଦେବାକୁ ପଡ଼େ ।

ଡାଳଗୁଡ଼ିକୁ ୨୫ରୁ ୩୦ ସେ ିମିଟର ଲମ୍ବରେ କାଟି ସେଗୁଡ଼ିକୁ ୧୫ ସେ ିମିଟର ଲମ୍ବର ଗାତ କରି ପୋତି ଦେବାକୁ ହୁଏ । ଏପରି ଭାବରେ ପୋତା ଯାଇଥିବା ଡାଳରୁ ୨୧ ଦିନ ମଧ୍ୟରେ ଚେର ବାହାରିବା ଆରମ୍ଭ କରିଥାଏ । ଚେର ବାହରୁଥିବା ଚାରାଗଛ ଗୁଡ଼ିକୁ ଛଅରୁ ଦଶମାସ ପର୍ଯ୍ୟନ୍ତ ନର୍ସରୀରେ ରଖାଯିବା ପରେ ସେଗୁଡ଼ିକୁ ପରବ ର୍ୀ ବର୍ଷା ଋତୁରେ ୨ରୁ ୩ ମିଟର ବ୍ୟବଧାନରେ ଜମିରେ ରୋପଣ କରାଯାଇଥାଏ ।

**ଜଳସେଚନ**

ଜମିରେ ରୋପଣ କରାଯିବା ପରେ ପରେ ଚାରା ଗୁଡ଼ିକରେ ସାମାନ୍ୟ ପାଣି ଦେଇ ଜମିରେ ବତର ରଖିବାକୁ ପଡ଼ିଥାଏ । ତେବେ ଗଛ ଗୁଡ଼ିକ ୬ ରୁ ୭ ବର୍ଷର ହୋଇଗଲେ ଏଥିରେ ଖରା ଏବଂ ଶୀତ ଦିନେ ପାଣି ଦେବାକୁ ହୋଇଥାଏ । ଅନ୍ତତଃ ଗୋଟିଏ ଋତୁରେ ଦୁଇଥର ପାଣି ଦେବାକୁ ହୋଇଥାଏ ।

**ଖତସାର**

ଏହିଚ୍ଷ ନିମନ୍ତେ ବିଶେଷ ଖତ ଓ ସାର ଆବଶ୍ୟକ ହୁଏ ନାହିଁ ।

## ରୋଗପୋକ

ଗୁଗୁନ ଗଛର ପତ୍ରକୁ ସଁବାଲୁଆ ଖାଇ ଯାଇଥାଏ । ଏହାର ପତ୍ର ହଳଦିଆ ହୋଇ ଶେଷରେ ଖସି ପଡ଼େ । ପତ୍ରରେ ଚିହ୍ନ ହୋଇଯାଉଥିବା ରୋଗ ମଧ୍ୟ ବେଳେବେଳେ ଏହି ଗଛରେ ହୋଇଥାଏ ।

## ବେଉଷଣ

ସେପ୍ଟେମ୍ବର ଓ ଡିସେମ୍ବର ମାସରେ ଏହି ଗଛଗୁଡ଼ିକୁ କୋଡ଼ାଖୁସା କରାଇ ନେବା ଆବଶ୍ୟକ । ଗଛ ଛୋଟ ହୋଇଥିବା ବେଳେ ଥରେ କୋଡ଼ାଖୁସା ହେବା ଦରକାର । କିନ୍ତୁ ଗଛ ବଡ଼ ହେଲେ ଏହାର ଚାରିପଟେ ମାଟିକୁ ବର୍ଷକୁ ଦୁଇ ଥର ଖୁସାଇବା ଦରକାର । ଗଛ ବଡ଼ ହେଲା ସଙ୍ଗେ ସଙ୍ଗେ ଏହାର ଚାରିପଟେ ମାଟିକୁ ହାଲୁକା କରିବା ନିମନ୍ତେ ବାରମ୍ବାର ଖୁସାଇବାକୁ ହୋଇଥାଏ ।

## ଅଠା ସଂଗ୍ରହ

ଗଛଗୁଡ଼ିକ ପୂର୍ଣ୍ଣ ମାତ୍ରାରେ ବିକଶିତ ହୋଇଯିବା ପରେ ଡିସେମ୍ବରରୁ ଫେବୃୟାରୀ ମାସ ମଧ୍ୟରେ ଅଠା ସଂଗ୍ରହ କାର୍ଯ୍ୟ କରାଯାଇଥାଏ । ଅଠା ଏହାର ବକଳ ତଳ ଭାଗରେ ଥାଏ । ଯେଉଁ ଗଛ ୭.୫ ସେଣ୍ଟିମିଟର ପର୍ଯ୍ୟନ୍ତ ମୋଟା ହୋଇ ସାରିଥାଏ, ସେହି ଗଛରୁ ଝିର ଅମଳ ପାଇଁ ଉଦ୍ୟମ କରାଯିବା ଆବଶ୍ୟକ ।

ଏଥିପାଇଁ ଦେଢ଼ ସେଣ୍ଟିମିଟର ଗଭୀରତାରେ ବକଳ ଗୁଡ଼ିକୁ ଗଛର ଚାରିପଟେ କାଟି ଦେବାକୁ ହୁଏ । ସେଥିରୁ କଟାଯିବା ପରେ ଇଷତ୍ ହଳଦିଆ ରଙ୍ଗର ଧଳା ଧଳା କ୍ଷୀର ମନକୁ ବାହାରିବା ଆରମ୍ଭ କରେ ।

ଯାହାକି ମନକୁ ମନ ଟାଣ ହୋଇ ଯାଇଥାଏ । ଏହାକୁ ହାତରେ ବା କୌଣସି ଏକ ମୁନିଆ ଯନ୍ତ୍ର ସାହାଯ୍ୟରେ ଗଛରୁ ଅଲଗା କରାଯାଏ । ପ୍ରତି ୧୦ରୁ ୧୫ ଦିନ ମଧ୍ୟରେ ଏହାକୁ ବାହାର କରାଯାଇଥାଏ । ପରେ ଗୁଗୁଳର ଗୁଣ ଦେଖି ତାକୁ ବର୍ଗୀକରଣ କରାଯାଇଥାଏ । ଗୁଗୁଳର ଗୁଣାତ୍ମକ ମାନ ଚିହ୍ନଟ ପାଇଁ ଏହି କେତୋଟି ବିଷୟ ଉପରେ ଧ୍ୟାନ ଦେବାକୁ ହୁଏ ।

କ) ଏହା କେତେ ମୋଟା ଗଛରୁ ସଂଗୃହୀତ ହୋଇଛି

ଖ) ସଫା ବାଲି ଓ ଅନ୍ୟାନ୍ୟ ଜିନିଷ ମିଶିନଥିବା ଗୁଗୁଳ ସବୁଠାରୁ ଭଲ ଗୁଗୁଳ

ଗ) ଟିକିଏ ମଇଳା ରଙ୍ଗର ବାଲି ମିଶା ଗୁଗୁଳକୁ ଦ୍ୱିତୀୟ ସ୍ତରର ବୋଲି ଧରାଯାଇଥାଏ ।

ଘ) ତାହାକୁ ତୃତୀୟ ଶ୍ରେଣୀର ଗୁଗୁଳ କୁହାଯାଇଥାଏ ଯାହାକି ତଳୁ ବାଲି ଓ ଅନ୍ୟାନ୍ୟ ଜିନିଷ ସହ ମିଶି ରହିଥାଏ ।



## ଅମଳ ସମୟ

ଷଷ୍ଠ ବର୍ଷଠାରୁ ଗୁଗୁଳ ଗଛରୁ ଝିର ସଂଗ୍ରହ ଆରମ୍ଭ ହୋଇଥାଏ । ଷଷ୍ଠ ବର୍ଷ ବେଳକୁ ଗୋଟିଏ ଗଛରୁ ୨୦୦ ରୁ ୪୦୦ ଗ୍ରାମ୍ ପର୍ଯ୍ୟନ୍ତ ଗୁଗୁଳ ମିଳିଥାଏ । ପା ବର୍ଷ ପରେ ଏହା ୧୦୦୦ରୁ ୨୦୦୦ ଗ୍ରାମ ପର୍ଯ୍ୟନ୍ତ ହୋଇଥାଏ । ଅର୍ଥାତ୍ ହେକ୍ଟର ପିଛା ୩୨୦୦ କିଲୋଗ୍ରାମ୍ ପର୍ଯ୍ୟନ୍ତ ଗୁଗୁଳ ମିଳିଥାଏ ।

## ଲାଭ

ଗୁଗୁଳ କିଲୋପ୍ରତି ବଜାରରେ ୬୫ଟଙ୍କାରୁ ୮୫ ଟଙ୍କା ପର୍ଯ୍ୟନ୍ତ ହୋଇଥାଏ । ତେଣୁ ହେକ୍ଟର ପିଛା ଯଦି ୩୨୦୦ କିଲୋ ଗୁଗୁଳ ଅମଳ ହୁଏ ତେବେ ଏଥିରୁ ୧୦ ବର୍ଷରେ ପ୍ରାୟ ୨ ଲକ୍ଷ ୮ହଜାର ଟଙ୍କା ପର୍ଯ୍ୟନ୍ତ ଆଦାୟ ହୋଇପାରିବ ବୋଲି ହିସାବ କରାଯାଇଛି ।

ଯଦି ଗୁଗୁଳ ଚାଷ ପାଇଁ ବର୍ଷକୁ ହେକ୍ଟର ପିଛା ଦଶରୁ ବାର ହଜାର ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହୁଏ ତେବେ ମଧ୍ୟ ହେକ୍ଟରକୁ ବର୍ଷକୁ ୫୦୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ମିଳିପାରିବ ।

## ଉପଯୋଗ

ଗୁଗୁଳକୁ ଜ୍ୱାଳା ନିବାରକ, ଆଣ୍ଠୁଗଣ୍ଠି ବାତ ଉପଶମକାରୀ ଔଷଧ ପ୍ରସ୍ତୁତ ପାଇଁ ଆର୍ଯ୍ୟୁବେଦୀୟ ଔଷଧ ପ୍ରସ୍ତୁତକାରୀମାନେ ବ୍ୟବହାର କରିଥାଆନ୍ତି ।

## ଔଷଧ

ଗୁଗୁଳ ବ୍ୟବହାର କରାଯାଉଥିବା ମାଇରନ୍, ରୁମାହିଲ, ଗୁଗୁଲିପିଡ୍ ନାମକ ଔଷଧ ଏବେ ବଜାରରେ ମିଳୁଛି ।

ଗୁଗୁଳ ଚାଷରୁ ପ୍ରଚୁର ଲାଭ ମିଳୁଥିବାରୁ ପଡ଼ିଆ ଓ ଚାଷୋପଯୋଗୀ ଅନାବାଦି ଜମିରେ ଏହାକୁ ଚାଷକରାଯାଇ ପାରିବ ।

# ଜଙ୍ଗଲ ଓ ଜଙ୍ଗଲଜୀବିକା ସଂପର୍କିତ ଗଣମାଧ୍ୟମ କର୍ମଶାଳା

ଜଙ୍ଗଲ ଓ ଜଙ୍ଗଲଜାତ ଦ୍ରବ୍ୟ ଜନିତ ଜୀବିକାକୁ ନେଇ ଏକ ଗଣମାଧ୍ୟମ କର୍ମଶାଳା ଗତ ଫେବୃଆରୀ ମାସ ୫ ତାରିଖ ଦିନ ରାୟଗଡ଼ା ଜିଲ୍ଲାରୁ ବିଷମକଟକଠାରେ ଅନୁଷ୍ଠିତ ହୋଇଥିଲା । ଏସ୍.ଏସ୍.ଏସ୍.ଏସ୍, ବିଷମକଟକ ଏବଂ ଆର୍.ସି.ଡ଼ି.ସି, ଭୁବନେଶ୍ୱର ଦ୍ୱାରା ମିଳିତଭାବେ ଆୟୋଜିତ ଏହି ଆଲୋଚ଼ନାଚ଼କ୍ରରେ ଜିଲ୍ଲାର ୧୪ ଜଣ ଗଣମାଧ୍ୟମ ପ୍ରତିନିଧି ଯୋଗଦାନ କରିଥିଲେ । ଏହି କର୍ମଶାଳାର ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇ ଶ୍ରୀ ବର୍ଣ୍ଣବୈଭବ ପଣ୍ଡା (ଆର୍.ସି.ଡି.ସି.) କହିଲେ ଯେ, ବେସରକାରୀ ଅନୁଷ୍ଠାନମାନଙ୍କ ନିକଟରେ ଅଣକାଷ୍ଠ ବନଜାତ ଦ୍ରବ୍ୟର ପରିଚ଼ାଳନା, ନିୟନ୍ତ୍ରଣ ଓ ବଜାର ସମ୍ପର୍କିତ ତଥ୍ୟ ଥିଲା ବେଳେ ଗଣ ମାଧ୍ୟମ ନିକଟରେ ଏହି ତଥ୍ୟକୁ ଲୋକ ନିକଟରେ ପହ ାଇବା ପାଇଁ ସାଧନ ଅଛି । ଏଣୁ ବେସରକାରୀ ଅନୁଷ୍ଠାନମାନଙ୍କ ଦ୍ୱାରା ସଂଗୃହିତ ତଥ୍ୟ ଗଣମାଧ୍ୟମ ଜରିଆରେ ଲୋକଙ୍କ ନିକଟରେ ପହ୍ ପାରିବ ବୋଲି ସେ ଆଶା ପ୍ରକାଶ କରିଥିଲେ ।

ଏହି ସଭାରେ ଜଙ୍ଗଲଜାତ ଦ୍ରବ୍ୟଗୁଡ଼ିକୁ ଜୀବିକା ଉପାର୍ଜନର ଏକ ପ୍ରମୁଖ ସାଧନ ଭାବେ ବିଭିନ୍ନ ସଂପୃକ୍ତ ବ୍ୟକ୍ତି ବିଶେଷ, ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କ ନିକଟରେ ଉପସ୍ଥାପନ କରିବା ନିମନ୍ତେ ଗଣମାଧ୍ୟମଗୁଡ଼ିକର ଭୂମିକା ବିଷୟରେ ଆଲୋଚ଼ନା କରାଯାଇଥିଲା । ବିଶେଷକରି ସ୍ଥାନୀୟ ପ୍ରଶାସନ ଓ ବନ ବିଭାଗ ଏଥି ନିମନ୍ତେ ସମୁଚ଼ିତ ପଦକ୍ଷେପ ନେବା ନିମନ୍ତେ ସ୍ଥାନୀୟ ଗଣମାଧ୍ୟମ ଗୁରୁତ୍ୱାରୋପ କରିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା ।

ରାୟଗଡ଼ା ଜିଲ୍ଲାର ଜନସଂଖ୍ୟାର ଶତକଡ଼ା ୫୪ଭାଗ ଆଦିବାସୀ ଏବଂ ଏହି ଜିଲ୍ଲାର ୩୮ଭାଗ ଭୂମି ଉପରେ ଜଙ୍ଗଲ ଅଛି; ହେଲେ ଜଙ୍ଗଲ ଜାତ ଦ୍ରବ୍ୟ ଉପରେ ନିର୍ଭରଶୀଳ ଏହି ଆଦିବାସୀମାନଙ୍କ ଜୀବନ ଧାରଣର ମାନରେ ବିଶେଷ ଉନ୍ନତି ପରିଲକ୍ଷିତ ହୋଇନାହିଁ । ଅଣକାଷ୍ଠ ବନଜାତ ଦ୍ରବ୍ୟଗୁଡ଼ିକର ବଜାର ବ୍ୟବସ୍ଥା ସୁବ୍ୟବସ୍ଥିତ ହୋଇନଥିବାରୁ ସରକାରଙ୍କ ନୂତନ ନୀତିର ଫାଇଦା ଗରିବ ଆଦିବାସୀ ଓ ବନବାସୀ ପ୍ରାଥମିକ ସଂଗ୍ରହକାରୀମାନେ ଉଠାଇ ପାରୁନାହାନ୍ତି ବୋଲି ଗଣମାଧ୍ୟମ ପ୍ରତିନିଧିମାନଙ୍କର ଏହି ଆଲୋଚ଼ନାଚ଼କ୍ରରେ ମତପ୍ରକାଶ ପାଇଛି ।

ଜିଲ୍ଲାର ଆଦିବାସୀ ଓ ଅନ୍ୟାନ୍ୟ ଗରିବ ଶ୍ରେଣୀରଲୋକେ ବର୍ଷର ୬ ରୁ ୮ ମାସ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ପେଟପାଟଣା କରିଥାଆନ୍ତି । ୭୩ତମ ସମ୍ବିଧାନ ସଂଶୋଧନ ଏବଂ ପ ାୟତିରାଜ ବ୍ୟବସ୍ଥାର ଅନୁସୂଚୀତ ଅ ଳକୁ ସଂପ୍ରସାରଣ ଆଇନ ପରେ ଓଡ଼ିଶା ସରକାର ୨୦୦୦ ମସିହା ମାର୍ଚ୍ଚ ୩୧ ତାରିଖରେ ଏକ ନୂତନ ଅଣକାଷ୍ଠ ବନଜାତ ଦ୍ରବ୍ୟ ନୀତି ପ୍ରଣୟନ କରି ୬୮ଟି ଲଘୁବନଜାତ ଦ୍ରବ୍ୟର ନିୟନ୍ତ୍ରଣ ଓ ପରିଚ଼ାଳନା ଦାୟିତ୍ୱ ପ ାୟତକୁ ହସ୍ତାନ୍ତର କରିଥିଲେ । ପ ାୟତମାନଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲେ ମଧ୍ୟ ଆବଶ୍ୟକ କ୍ଷମତା ଓ ଦକ୍ଷତା ଅଭାବରୁ ପ ାୟତମାନେ ନିଜ ନିଜର ଭୂମିକା ସୁଚ଼ାରୁ ରୂପେ ତୁଲାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।




ପ୍ରାଥମିକ ସଂଗ୍ରହକାରୀମାନେ ବିଭିନ୍ନ ବନଜାତ ଦ୍ରବ୍ୟ ସଂଗ୍ରହ କରୁଥିଲେ ମଧ୍ୟ ବଜାର ସହିତ ଯୋଗାଯୋଗର ଅଭାବରୁ ଦ୍ରବ୍ୟଗୁଡ଼ିକୁ ବିକି ପାରୁନାହାନ୍ତି ଅଥବା କମ୍ ଦରରେ ବିକୁଛନ୍ତି । ଏଥିପାଇଁ ଜିଲ୍ଲାସ୍ତରରେ ଅଣକାଷ୍ଠ ବନଜାତ ଦ୍ରବ୍ୟ ପାଇଁ ଏକ "ବଜାର ପ୍ରୋତ୍ସାହନ ବୋର୍ଡ" ଗଠନ କରି ଏକ ଜିଲ୍ଲାସ୍ତରୀୟ ଅଣକାଷ୍ଠ ବନଜାତ ଦ୍ରବ୍ୟ ଯୋଜନା ପ୍ରସ୍ତୁତ କରିବାକୁ ଆଲୋଚନା ଚକ୍ରରେ ମତପ୍ରକାଶ ପାଇଥିଲା । ଜିଲ୍ଲା ପ୍ରଶାସନ, ସରକାରୀ ସଂସ୍ଥା ଯଥା ବନଉନ୍ନୟନ ନିଗମ, ଆଦିବାସୀ ବିକାଶ ସମବାୟ ନିଗମ, ଡି.ଏସ୍.ଏମ୍.ଏସ୍, ସ୍ୱେଚ୍ଛାସେବୀ/ବେସରକାରୀ ସଂଗଠନମାନଙ୍କ ମଧ୍ୟରେ ସମନ୍ୱୟର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା । ପ ାୟତ ପ୍ରତିନିଧିମାନଙ୍କୁ ତାଲିମ ଏବଂ ବିଭିନ୍ନ ସରକାରୀ ଯୋଜନାରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ମାଧ୍ୟମରେ ବନଜାତ ଦ୍ରବ୍ୟର କିଣାବିକା ଉପରେ ମଧ୍ୟ ଆଲୋଚ଼ନା କରାଯାଇଥିଲା । ମହୁଲ ପାଇଁ ଅବକାରୀ ଆଇନରେ ଆବଶ୍ୟକ ପରିବ ର୍ନ କରି ନୂତନ ଲଘୁ ବନଜାତ ଦ୍ରବ୍ୟ ନୀତିକୁ ମାନ୍ୟତା ଦେବାକୁ ମତ ଆସିଥିଲା ।

ଅନିୟନ୍ତ୍ରିତ ସଂଗ୍ରହ ଓ ଅବିଚ଼ାରିତ ଧ୍ୱଂସ ଯୋଗୁଁ ମଶାଣିଆ ଓ କତକ ପରି ଗଛ ଜିଲ୍ଲାରୁ ସବୁଦିନ ପାଇଁ ଲୋପ ପାଇଯିବାର ଆଶଙ୍କା ପ୍ରକାଶ ପାଇଥିଲା । ଜିଲ୍ଲା ପ୍ରଶାସନ ଓ ବନ ବିଭାଗ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଦାବୀ କରାଯାଇଥିଲା । ▣

# ଆଦିବାସୀ ଶୋଷଣର ଏକ ଜ୍ୱଳନ୍ତ ନମୁନା ଶାଳପତ୍ର ଖଲି କାରବାର

ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ନୟାଗଡ଼, ଫୁଲବାଣୀ, କନ୍ଧମାଳ ଜିଲ୍ଲାରେ ପ୍ରାୟ ଦଶଲକ୍ଷ ଆଦିବାସୀ କେବଳ ଖଲିପତ୍ର ପ୍ଲେଟ୍ ଓ ଦୋପତ୍ରୀ ତିଆରି କରି ତାଙ୍କର ପରିବାର ନିର୍ବାହ କରିଥାଆନ୍ତି । ଦିନେ ଦୁଇଦିନ ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ଜଙ୍ଗଲରେ ଖରା ବର୍ଷା ଶୀତକୁ ଖାତିର ନକରି ବୁଲି ପତ୍ର ସଂଗ୍ରହ କରି ପୁଣି ଦିନେ ଦୁଇଦିନ ଲାଗି ପତ୍ରପ୍ଲେଟ୍ କରି ଥାଆନ୍ତି, ପୁଣି କିଛି ଦିନପରେ ଠିକାଦାରଙ୍କୁ ବିକି ଯେଉଁ ପଇସା ପାଇଥାଆନ୍ତି, ସେଇ ପଇସାରେ ପରିବାର ଗୁଜୁରାଣ ମେ ।ଇଥାଆନ୍ତି । କିନ୍ତୁ ଏତେ ପରିଶ୍ରମ ପରେ ମଧ ସେମାନେ ଦିନକୁ ୧୫ ଟଙ୍କା ରୁ ୨୦ ଟଙ୍କା ପାଇଥାଆନ୍ତି । ଯାହାକି ସର୍ବନିମ୍ନ ମଜୁରୀଠାରୁ କମ୍ ।

ମୟୁରଭଞ୍ଜ ଜିଲ୍ଲାରେ ଜିଲ୍ଲାସ୍ତରୀୟ ମୂଲ୍ୟନିର୍ଦ୍ଧାରଣ କମିଟି ଦ୍ୱାରା ଗତ ୨୦୦୩ ମସିହାରେ ୧୬ଟି ଜଙ୍ଗଲଜାତ ଦ୍ରବ୍ୟର ମୂଲ୍ୟନିର୍ଦ୍ଧାରଣ କରାଯାଇଥିଲା । ତଦ୍ ଅନୁଯାୟୀ ୮୦ଟି ଖଲିପ୍ଲେଟ ପାଇଁ ୧୨ ଟଙ୍କା ହିସାବରେ ୧୦୦ଟି ଖଲିପ୍ଲେଟ୍ ପାଇଁ ୧୫ ଟଙ୍କା ଓ ଏକ ହଜାର ପ୍ଲେଟ୍ ପାଇଁ ୧୫୦ ଟଙ୍କା ଆଦିବାସୀମାନେ ପାଇବା କଥା । କିନ୍ତୁ ସେମାନଙ୍କୁ ୧୫୦ ଟଙ୍କା ଜାଗାରେ ମାତ୍ର ୪୦ ରୁ ୫୦ ଟଙ୍କା ମିଳୁଛି । ସେହିପରି ଏକ ହଜାରଟି ଦୋପତ୍ରୀ ପାଇଁ ୧୭ ଟଙ୍କା ନିର୍ଦ୍ଧାରଣ କରାଯାଇଥିବା ବେଳେ ଆଦିବାସୀମାନଙ୍କୁ ମାତ୍ର ୮ ଟଙ୍କା ରୁ ୯ ଟଙ୍କା ମିଳୁଛି । ଏ ସମ୍ପର୍କରେ ବାରମ୍ବାର ଓଡ଼ିଶା ଫରେଷ୍ଟ ଆଣ୍ଡ ମାଇନର୍ ଫରେଷ୍ଟ ୱାର୍କରସ୍ ୟୁନିଅନ ତରଫରୁ, ଜିଲ୍ଲାପାଳ, ଡି.ଏଫ୍.ଓ. ମାନଙ୍କୁ କୁହାଯାଉଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ହେଲାନାହିଁ । ପରେ ଓଡ଼ିଶା ଫରେଷ୍ଟ ଆଣ୍ଡ ମାଇନର ଫରେଷ୍ଟ ୱାର୍କରସ୍ ୟୁନିୟନ ତରଫରୁ ରାଜଧାନୀରେ ବିଧାନସଭା ସମୟରେ ଆଇ ଏନ୍ ଟିୟୁସି ଓ ଏଚ୍ ଏମ୍ ଏସ୍‌ର ମିଳିତ ଉଦ୍ୟମରେ ଏକ ବିଶାଳ ରାଲି ଓ ଗଣଧାରଣର କରାଯାଇଥିଲା । ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ସ୍ମାରକ ପତ୍ର ଦିଆଯାଇଥିଲା । ମୁଖ୍ୟମନ୍ତ୍ରୀ ଏଥି ନିମନ୍ତେ କଲେକ୍ଟରମାନଙ୍କୁ ନିର୍ଦ୍ଦେଶ ଦେବାପାଇଁ କହିଥିଲେ ଓ ଜଙ୍ଗଲରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ଉନ୍ନୟନ ପାଇଁ ଏକ ପାଣ୍ଠି ଗଠନ କରିବା ପାଇଁ କହିଥିଲେ । କିନ୍ତୁ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ କରାଯାଇନାହିଁ । ଗତ ୧୯୯୯ ଓ ୨୦୦୦ ମସିହାରେ ରାଜ୍ୟ ସରକାର ଶାଳମଞ୍ଜି ଓ ଶାଳପତ୍ର ତଥା ଲଘୁ ଜଙ୍ଗଲଜାତ ଦ୍ରବ୍ୟ ଉପରେ ଟିକସ ବସାଇଥିଲେ । ଆଦିବାସୀମାନଙ୍କୁ ସାହାଯ୍ୟ କରିବା କ୍ଷେତ୍ରରେ ଏହି ଟିକସ ପ୍ରତ୍ୟାହାର କରାଗଲା । ମାତ୍ର ଲାଭ ମାରିଲେ କେବଳ ଠିକାଦାର । ଶ୍ରମିକ ବାପୁଡା ଯେଉଁ ତିମିରେ କୁ ସେଇ ତିମିରେ । ଅଧିକ ରେଟ୍ ନେବାକୁ ଦାବି କଲେ ଠିକାଦାର ଖଲିପତ୍ର ନ କିଣିବାକୁ ଧମକ ଦେଉଛନ୍ତି । ଡି.ଏଫ୍.ଓ. କେବଳ କରଞ୍ଜିଆ ଡିଭିଜନରେ ୧୩୬ ଜଣଙ୍କୁ ଠିକାଦାରି ପାଇଁ ଲାଇସେନ୍‌ସ ଦେଇଛନ୍ତି । ଆଦିବାସୀମାନଙ୍କୁ ସାହାଯ୍ୟ କରିବା ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା କରୁଥିବାବେଳେ ଆଦିବାସୀମାନଙ୍କୁ ଉପଯୁକ୍ତ ମୂଲ୍ୟ ଦେବାପାଇଁ ପଛଘୁ ।ଦେଉଥିବାର ରହସ୍ୟ ଜଣା ପଡୁନାହିଁ । ଆଗାମୀ ଏକ ମାସ ମଧରେ ଜଙ୍ଗଲ ଶ୍ରମିକମାନଙ୍କ ପାଇଁ "ଜଙ୍ଗଲ ଶ୍ରମିକ ପାଣ୍ଠି ଗଠନ କରିବା" ଖଲିପତ୍ର ଓ ଦୋପତ୍ରୀର ସରକାରୀ ଧାର୍ଯ୍ୟ ମୂଲ୍ୟ ଦେବା ଏବଂ ରାଜ୍ୟ ସରକାର ଆଦିବାସୀମାନଙ୍କ ଠାରୁ ଶାଳପତ୍ର ଓ ଶାଳମଞ୍ଜି କିଣିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା ନକଲେ ଆଦିବାସୀମାନେ ହତାଶ ଓ କ୍ଷୁବ୍ଧ ହୋଇ ହିଂସାରେ ବିଶ୍ୱାସକରୁଥିବା ଗୋଷ୍ଠୀମାନଙ୍କ ସହ ହାତ ମିଳାଇବାର ସମ୍ଭାବନା ଅଛି ।

ଓଡ଼ିଶା ଫରେଷ୍ଟ ଆଣ୍ଡ ମାଇନର ଫରେଷ୍ଟ ୱାର୍କରସ୍ ୟୁନିୟନ ତରଫରୁ ଫେବୃଆରୀ ମାସରେ ଆୟୋଜିତ ଏକ ସଭାରେ ଉପରୋକ୍ତ ବିଷୟ ଉପରେ ଆଲୋଚନା କରାଯାଇ ଗଭୀର ଉଦବେଗ ପ୍ରକାଶ କରାଯାଇଥିଲା । ଏହାର ଗୁରୁତ୍ୱ ଉପଲବ୍ଧି କରି ରାଜ୍ୟ ସରକାର ଏ ସମ୍ପର୍କରେ ଚୂଡାନ୍ତ ନିଷ୍ପତି କରିବା ପାଇଁ ଓଡ଼ିଶା ଫରେଷ୍ଟ ଆଣ୍ଡ ମାଇନର ଫରେଷ୍ଟ ୱାର୍କରସ ୟୁନିୟନ ତରଫରୁ ସଭାପତି ଶ୍ରୀ ରାମଚନ୍ଦ୍ର ଖୁ ିଆ ଉପସଭାପତି ଶ୍ରୀ କିଶୋର ଚନ୍ଦ୍ର ଜେନା ଉପସଭାପତି ଶ୍ରୀ ଭୁବନ ସାହୁ ସାଧାରଣ ସମ୍ପାଦିକା ସାବିତ୍ରୀ ସାହୁ ସମ୍ପାଦିକା ଶ୍ରୀମତି ପ୍ରଣତୀ ମିଶ୍ର ପ୍ରମୁଖ ଦୃଢ ଦାବି କରିଛନ୍ତି ।

**ରାମଚନ୍ଦ୍ର ଖୁ ିଆ**

## ଜାଣିବା କଥା

"ବାଇଗବା" (ଜାଟ୍ରୋଫା) ଗଛର ମଞ୍ଜିରୁ ଡ଼ିଜେଲ ମିଳୁଛି । ଏହି ଡ଼ିଜେଲର ପେଟ୍ରୋଲରୁ ପ୍ରସ୍ତୁତ ଡ଼ିଜେଲ ସହିତ ବହୁତ ସାମଞ୍ଜସ୍ୟ ରହିଛି । ପେଟ୍ରୋଲରୁ ପ୍ରସ୍ତୁତ ଡ଼ିଜେଲ ବଦଳରେ ଏହି ଡ଼ିଜେଲକୁ ଜାଳେଣୀ ଭାବେ ବ୍ୟବହାର କରାଯାଇ ଗାଡ଼ି ଚ଼ଲିପାରିବ । ଏଥି ନିମନ୍ତେ ଗାଡ଼ିର ଇଞ୍ଜିନରେ ସାମାନ୍ୟ ପରିବର୍ ିନ କରିବାକୁ ହେବ । ଯେତେ ପ୍ରକାର ବୃକ୍ଷଜାତ ତୈଳ ଅଛି, ସେମାନଙ୍କ ମଧରେ ବାଇଗବା ଗଛର ମଞ୍ଜିରୁ ପ୍ରସ୍ତୁତ ତୈଳ ହିଁ ପେଟ୍ରୋଲିୟମ ଡ଼ିଜେଲ ସହ ସର୍ବାଧିକ ସାମଞ୍ଜସ୍ୟ ରହିଛି । ଏହି ତୈଳରେ ଅପେକ୍ଷାକୃତ କମ୍ ପ୍ରଦୂଷଣ ହୋଇଥାଏ । ଆଗାମୀ ଦିନରେ ଏହି ବୃକ୍ଷଜାତ ଡ଼ିଜେଲ ପେଟ୍ରୋଲରୁ ପ୍ରସ୍ତୁତ ଡ଼ିଜେଲର ଏକ ବିକଳ୍ପ ଭାବେ ଉଭା ହେବ । ବିଶେଷକରି ଗ୍ରାମା ଳରେ ପରିବହନ ଯାନବାହାନଗୁଡ଼ିକ ନିମନ୍ତେ ଏହା ଏକ ମାଧମ ହେବ । ଏହି ଜୈବ ଡ଼ିଜେଲର ଧାତୁଶିଳ୍ପରେ ଏବଂ ଛପାଇବା ନିମନ୍ତେ କାଳି ତିଆରି ଶିଳ୍ପରେ ମଧ ପ୍ରଭୁତ ଚ଼ାହିଦା ରହିଛି ।

# ରାଜ୍ୟରେ ନୂତନ ବାଉଁଶ ସଂଗ୍ରହ ନୀତି ଲାଗୁ ହେଲା

୨୦୦୦ ମସିହାରୁ ରାଜ୍ୟରେ ବାଉଁଶ ସଂଗ୍ରହ ନୀତି କାର୍ଯ୍ୟକାରୀ ହୋଇପାରୁ ନଥିବା ଯୋଗୁଁ ଗତ ୪ ବର୍ଷ ମଧ୍ୟରେ ଯେଉଁ ନାହିଁ ନଥିବା ପରିସ୍ଥିତି ସୃଷ୍ଟି ହୋଇଥିଲା ତାହାର ବସ୍ତୁତଃ ଅବସାନ ଘଟିଛି । ଜଙ୍ଗଲ ବିଭାଗ ଓ ଅର୍ଥ ବିଭାଗ ମଧ୍ୟରେ ଏଥିନେଇ ଯେଉଁ ଟଣାଓଟରା ଚାଲୁ ହୋଇଥିଲା । ତାହାର ପରିସମାପ୍ତି ଘଟିଛି । ବାଉଁଶ ସଂଗ୍ରହ ନୀତି ନୂତନ ଭାବରେ ଧାର୍ଯ୍ୟ ହେବା ପରେ ଜେ.କେ. ପେପର ଲିମିଟେଡ ଓ ବଲାରପୁର ଇଣ୍ଡଷ୍ଟ୍ରିଜ୍ ଲିମିଟେଡ ଏଥିନେଇ ଗତକାଲି ରାଜ୍ୟ ସରକାରଙ୍କ ସହ ବିଧିବଦ୍ଧ ଚୁକ୍ତି ସଂପାଦିତ କରିଛନ୍ତି । ଓଡ଼ିଶା ଜଙ୍ଗଲ ନିଗମ ବାଉଁଶ ସଂଗ୍ରହ କ୍ଷେତ୍ରରେ ଜେ.କେ. ପେପର ଲିମିଟେଡ ଓ ବଲାରପୁର ଇଣ୍ଡଷ୍ଟ୍ରିଜ ଲିମିଟେଡକୁ ତିନି ବର୍ଷ ପାଇଁ ଅର୍ଥାତ ୨୦୦୪-୦୫ ସଂଗ୍ରହ ବର୍ଷରୁ ୨୦୦୭-୦୮ ସଂଗ୍ରହ ବର୍ଷ ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ଚାଲୁ ରହିବ । ଏଥିନେଇ ରାୟଗଡ଼ାସ୍ଥିତ ଜେ.କେ. ପେପର ଲିମିଟେଡ ଓ ଜୟପୁରସ୍ଥିତ ବଲାରପୁର ଇଣ୍ଡଷ୍ଟ୍ରିଜ୍ ଲିମିଟେଡ ବିଭିନ୍ନ ବାଉଁଶ ଗୋଦାମରେ ପଡ଼ି ରହିଥିବା ବାଉଁଶ ସଂଗ୍ରହ ପାଇଁ କାର୍ଯକ୍ରମ ଆରମ୍ଭ କରିବା ସକାଶେ ପ୍ରସ୍ତୁତି ପର୍ବ ଆରମ୍ଭ କରିଥିବା ବିଷୟ ଜଣାପଡ଼ିଛି । ଜଙ୍ଗଲ ସଚିବ ଶ୍ରୀ ଅରବିନ୍ଦ ବେହେରା ଦାୟିତ୍ୱ ଗ୍ରହଣ କରିବା ପରେ ରାଜ୍ୟରେ ତୁରନ୍ତ କିଭଳି ଏକ ନୂତନ ରାଜ୍ୟର ବୃହ ର ସ୍ୱାର୍ଥ ସମ୍ବଳିତ ବାଉଁଶ ସଂଗ୍ରହ ନୀତି ଧାର୍ଯ୍ୟ ହୋଇପାରିବ ସେଥିପାଇଁ ପଦକ୍ଷେପ ଗ୍ରହଣ କରିଥିଲେ । ଏହି ଅନୁଯାୟୀ ୭୫ ହଜାର ମେଟ୍ରିକ ଟନ୍ ବାଉଁଶ ଉକ୍ତ ସମୟସୀମା ମଧ୍ୟରେ ଉଭୟ କାଗଜ କଳ ବାଉଁଶ ସଂଗ୍ରହର ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବେ । ୧୬ଟି ଜଙ୍ଗଲ ଡିଭିଜନ ଅଧିନରେ ଥିବା ବାଉଁଶ ଜଙ୍ଗଲରୁ ୪୨ ହଜାର ୬୦୦ ମେଟ୍ରିକ ଟନ୍ ବାଉଁଶ ସଂଗ୍ରହ ପାଇଁ ଜେ.କେ.ପେପର ଲିମିଟେଡ ଦାୟିତ୍ୱ ନେଇଥିବା ବେଳେ ଅବଶିଷ୍ଟ ୧୫ଟି ଡିଭିଜନରେ ଥିବା ୩୨ ହଜାର ୪୦୦ ମେଟ୍ରିକ ଟନ୍ ବାଉଁଶ ବଲାରପୁର ଇଣ୍ଡଷ୍ଟ୍ରିଜ୍ ଲିମିଟେଡ ସଂଗ୍ରହ କରିବେ । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବାଉଁଶ ସଂଗ୍ରହ କ୍ଷେତ୍ରରେ ମେଟ୍ରିକ ଟନ୍ ପିଛା ୧୫୦୦ ଟଙ୍କା ବିକ୍ରୟ ମୂଲ୍ୟଧାର୍ଯ୍ୟ ହେବ । ଏଥିରୁ ୭୫୦ ଟଙ୍କା (ମେଟ୍ରିକ ଟନ୍ ପିଛା) ରାଜ୍ୟ ସରକାର ଗ୍ରହଣ କରିବେ । ଏଥିମଧ୍ୟରେ ୫୦୦ ଟଙ୍କା ରୟାଲଟି ବାବଦରେ ୧୭୫ଟଙ୍କା ଜଙ୍ଗଲ ନିଗମରେ କମିଶନ ବାବଦକୁ ଓ ଅବଶିଷ୍ଟ ୭୫ଟଙ୍କା ବାଉଁଶ କିଣି ସଂଗ୍ରହ ଓ ବାଉଁଶ ଜଙ୍ଗଲର ପ୍ରସାର ବାବଦରେ ଖର୍ଚ୍ଚ ହେବ । ଯଦି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଉଭୟ କାଗଜ କଳ ଧାର୍ଯ୍ୟ ଲକ୍ଷ୍ୟ ୭୫ ହଜାର ମେଟ୍ରିକ ଟନ୍ ବଦଳରେ ୮୧ ହଜାର ୨୫୦ ମେଟ୍ରିକ ଟନ୍ କିମ୍ବା ଏହାଠାରୁ ଊର୍ଦ୍ଧ୍ୱ ବାଉଁଶ ସଂଗ୍ରହ କରିବେ ତେବେ ଉଭୟ କାଗଜକଳ ରିବେଟ୍ ପାଇବାକୁ ସକ୍ଷମ ହେବେ । ଏହି ରିବେଟ୍ ଅର୍ଥ ଓ.ଏଫ୍.ଡି.ସି ପାଇବାକୁ ଥିବା ମେଟ୍ରିକ ଟନ୍ ପିଛା ୧୭୫ ଟଙ୍କାରୁ କାଟି ନିଆଯାଇ ସଂପୃକ୍ତ କାଗଜ କମ୍ପାନୀ ଗୁଡ଼ିକୁ ଦିଆଯିବ । ଏଥିନେଇ ଓ.ଏଫ୍.ଡି.ସି ଏବଂ ଉପରୋକ୍ତ ଦୁଇଟି କାଗଜ କଳ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ତେବେ ଏହି ଚୁକ୍ତିନାମା ୱାର୍କିଂ ପ୍ଲାନ୍ ଉପରେ ବାଉଁଶ ନିର୍ଭର କରେ ବୋଲି କୁହାଯାଇଛି ।

ଏହି ବ୍ୟବସ୍ଥା ଚାଲୁ ହେଲେ ପ୍ରାୟ ୯ ଲକ୍ଷ ଶ୍ରମ ଦିବସ ସୃଷ୍ଟି ହୋଇପାରିବ ବୋଲି ଜନୈକ ଉଚ୍ଚପଦସ୍ଥ ଅଫିସର କହିଛନ୍ତି । ଅକ୍ଟୋବର ମାସରୁ ଜୁନ୍ ମାସ ମଧ୍ୟରେ ବାଉଁଶ ସଂଗ୍ରହ କରାଯିବାର ସମୟସୀମା ଧାର୍ଯ୍ୟ କରାଯାଇଛି । ତେବେ ଚଳିତ ବର୍ଷର (୨୦୦୪-୦୫) ସଂଗ୍ରହ ବର୍ଷ ତିନି ମାସ ଶେଷ ହୋଇଗଲାଣି । ଅବଶିଷ୍ଟ ଛଅ ମାସ ବାଉଁଶ ସଂଗ୍ରହ କାର୍ଯ୍ୟ ଚାଲିବ । ୭୫୦ ଟଙ୍କା ରାଜ୍ୟ ସରକାର ପାଇବା ବେଳେ (ପ୍ରତି ମେଟ୍ରିକ୍ ଟନ୍ ପିଛା) ବାଉଁଶ କ ।ମାଲ ସଂଗ୍ରହକାରୀ ଦୁଇଟି କାଗଜକଳ ଅନୁରୂପ ୭୫୦ ଟଙ୍କା ପାଇବେ । ସେଥିମଧ୍ୟରୁ ସେମାନେ ସେଲ୍ ୟୁନିଟ ଗୁଡ଼ିକର ସର୍ବାଙ୍ଗୀନ ବିକାଶ, ବାଉଁଶ ଜଙ୍ଗଲକୁ ଯାଇଥିବା ରାସ୍ତାଘାଟର ଉନ୍ନତି ବାବଦକୁ ମଧ୍ୟ ଅର୍ଥ ବ୍ୟୟ କରିବେ । ଗତ ଚାରି ବର୍ଷ ଧରି ରାଜ୍ୟର ବିଭିନ୍ନ ଜଙ୍ଗଲରେ ପ୍ରାୟ ୬୦ ହଜାର ମେଟ୍ରିକ ଟନ୍ ବାଉଁଶ ଖଲାସ ନହୋଇପାରି ବିଭିନ୍ନ ଗୋଦାମରେ ପଡି ରହିଥିଲା । ଓଡ଼ିଶାରେ ସମୁଦାୟ ୩୨୫ଟି ବାଉଁଶ ଜୋନ୍ ରହିଛି ଓ ଏଥିରେ ୧୦ ହଜାର ବାଉଁଶ କଟାଳୀ ନିୟମିତ କାମଧନ୍ଦା ପାଉଥିଲେ । ମାତ୍ର ଗତ ୪ ବର୍ଷ ଧରି ଏହା ବନ୍ଦ ହେଇଯିବା ଯୋଗୁଁ ଉକ୍ତ ବାଉଁଶ କଟାଳୀମାନେ ବିକଳ୍ପ କାମଧନ୍ଦା ଆଶାରେ ବାହାର ରାଜ୍ୟକୁ ପଳାଇ ଯାଇଥିଲେ । ଓଡ଼ିଶାରେ ସମୁଦାୟ ୧୬୪୩୪୮ ବର୍ଗ କିଲୋମିଟର ଆୟତନର ବାଉଁଶ ଜଙ୍ଗଲରୁ ଏସ୍.ଆଇ.ଏସ୍.ଆଇ ତଥ୍ୟ ଅନୁଯାୟୀ ୮ ଲକ୍ଷ ମେଟ୍ରିକ ଟନ୍ ଯାଏଁ ବାଉଁଶ ଉତ୍ପାଦନ କରିବାର କ୍ଷମତା ରହିଛି । ମାତ୍ର ଗତ ୧୯୭୯ ମସିହାରୁ ଏପର୍ଯ୍ୟନ୍ତ ୨ ଲକ୍ଷରୁ ୩ ଲକ୍ଷ ମେଟ୍ରିକ ଟନ୍ ପର୍ଯ୍ୟନ୍ତ ବାଉଁଶ ଉତ୍ପାଦନ କରାଯାଇ ଆସୁଛି । ଉତ୍ପାଦିତ ବାଉଁଶର ୭୫ ଭାଗ ୭ଟି କାଗଜ କଳକୁ ଦିଆଯାଇଥିଲା । ସେଥିମଧ୍ୟରୁ କେତେକ କାଗଜକଳ ଇତି ମଧ୍ୟରେ ବନ୍ଦ ହୋଇଗଲାଣି । ରାଜ୍ୟରେ ୧୯୮୮ ମସିହା ଅକ୍ଟୋବର ମାସ ଏକ ତାରିଖଠାରୁ ବାଉଁଶ ଶିଳ୍ପର ଜାତୀୟକରଣ ହୋଇଥିଲା ।

**ପର୍ଯ୍ୟବେକ୍ଷକ : ୯।୧।୦୫**

## କେନ୍ଦୁପତ୍ର ବ୍ୟବସାୟର ଉତ୍ପାଦନ ଖର୍ଚ୍ଚ କମିବ

କେନ୍ଦୁପତ୍ର ବ୍ୟବସାୟରୁ ଆୟ କ୍ରମାଗତ ହ୍ରାସ ପାଉଥିବାରୁ ରାଜ୍ୟ ସରକାର ଏହାର ଉତ୍ପାଦନ ଖର୍ଚ୍ଚ କମାଇବାକୁ ନିଷ୍ପ ି ନେଇଛନ୍ତି । ମୁଖ୍ୟ ସଚିବ ସୁବାଷ ପାଣିଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏକ ଉଚ୍ଚସ୍ତରୀୟ ବୈଠକରେ କେନ୍ଦୁପତ୍ର ଅନୁଦାନ ହିସାବ କଲାବେଳେ ଏହାର ଉତ୍ପାଦନ ଖର୍ଚ୍ଚରେ କାର୍ଯ୍ୟକାରୀ ସଂସ୍ଥାମାନଙ୍କ ଖର୍ଚ୍ଚ ସାମିଲ କରାଯିବ ବୋଲି ନିଷ୍ପ ି ନିଆଗଲା । କେନ୍ଦୁପତ୍ରର ଇ-ଟେଣ୍ଡର ନିମନ୍ତେ ଓଡ଼ିଶା ବନ ଉନ୍ନୟନ ନିଗମ ଏକ ୱେବସାଇଟ୍ ତିଆରି କରିଛନ୍ତି । ମୁଖ୍ୟ ସଚିବ କହିଲେ ଯେ, ଏହାର ବ୍ୟାପକ ବ୍ୟବହାରକୁ ଲକ୍ଷ୍ୟରଖି ଓଡ଼ିଶା କମ୍ପୁଟର ପ୍ରୟୋଗ କେନ୍ଦ୍ର ସହ ପରାମର୍ଶ କରି ଏଥି ନିମନ୍ତେ ଆବଶ୍ୟକୀୟ ନିରାପ । ବ୍ୟବସ୍ଥା କରିବ ଆବଶ୍ୟକ ।

**ଇଣ୍ଡିଆନ୍ ଏକ୍ସପ୍ରେସ ୧୫/୨/୦୫**

## କେନ୍ଦୁପତ୍ର ତୋଳାଳିମାନଙ୍କ ସମସ୍ୟା ଓ କଲ୍ୟାଣ ସମ୍ପର୍କରେ ଆଲୋଚନା

ଆଜି ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କେନ୍ଦୁପତ୍ର ଉପଦେଷ୍ଟା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ କେନ୍ଦୁପତ୍ର ତୋଳାଳୀମାନଙ୍କର ବିଭିନ୍ନ ସମସ୍ୟା ଓ କଲ୍ୟାଣ ସମ୍ପର୍କରେ ଆଲୋଚନା ହୋଇଥିଲା ।

୧୮ ଲକ୍ଷ କେନ୍ଦୁପତ୍ର ତୋଳାଳୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ଦୁଇକେରୀ କେନ୍ଦୁପତ୍ର ପିଛା ଏକ ପଇସା ବୃଦ୍ଧି କରିବା ପାଇଁ ବୈଠକରେ ନିଷ୍ପ ି ହୋଇଥିଲା । କେନ୍ଦୁପତ୍ରର ବଜାର ଚାହିଦା ବୃଦ୍ଧି ପାଇଁ ଯୋଜନା କରିବା ସହିତ କେନ୍ଦୁପତ୍ର ପ୍ରକ୍ରିୟାକରଣରେ ଉନ୍ନତି ଆଣି କେନ୍ଦୁପତ୍ରର ଗୁଣାତ୍ମକମାନ ବୃଦ୍ଧି ପାଇଁ ତୋଳାଳୀମାନଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । କେନ୍ଦୁପତ୍ର ତୋଳାଳୀମାନଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରତିବର୍ଷ ରଥଯାତ୍ରା ପୂର୍ବରୁ ଦେବା ପାଇଁ ବ୍ୟବସ୍ଥା କରାଯିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । କେନ୍ଦୁପତ୍ର ତୋଳାଳୀମାନଙ୍କୁ ଚପଲ ଯୋଗାଇବା ସଂକ୍ରାନ୍ତୀୟ ସରକାରଙ୍କ ନିଷ୍ପ ି ବିରୋଧରେ ହାଇକୋର୍ଟରେ ରୁଜୁ ହୋଇଥିବା ମୋକଦ୍ଦମା ଇତିମଧ୍ୟରେ ଫଇସଲା ହୋଇସାରିଥିବାରୁ ସଂଗ୍ରହ ଋତୁ ପୂର୍ବରୁ ଚପଲ ଯୋଗାଇ ଦିଆଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି ।

ଏହି ବୈଠକରେ କୃଷି ଉତ୍ପାଦନ କମିଶନର ଗୌତମ ବୁଦ୍ଧ ମୁଖାର୍ଜୀ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ବିଜୟ କୁମାର ପଟ୍ଟନାୟକ, ଜଙ୍ଗଲ ଓ ପରିବେଶ ବିଭାଗର ସଚିବ ଅରବିନ୍ଦ ବେହେରା, ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ କୃଷ୍ଣଚନ୍ଦ୍ର ବଡ୍ଡୁ, ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସଭାପତି ଯୋଗେନ୍ଦ୍ର ନାଥ ତ୍ରିପାଠୀ, ଉତ୍ପାଦକ ସଂଘର ପ୍ରତିନିଧି ଚୈତନ୍ୟ ମହାନ୍ତି, ଦିନବନ୍ଧୁ ପ୍ରଧାନଙ୍କ ସମେତ ଜଙ୍ଗଲ ବିଭାଗର ପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ ।

**ଅନୁପମ ଭାରତ : ୪।୧।୦୫**

### ଔଷଧୀୟ ବଜାର ସୃଷ୍ଟି ପାଇଁ ଉଦ୍ୟମ କରାଯାଉଛି : ବି.କେ. ପଟ୍ଟନାୟକ

ଜାତୀୟ ଔଷଧୀୟ ଉଦ୍ଭିଦ ବୋର୍ଡ଼ ପକ୍ଷରୁ ସହିଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲରେ ଆୟୋଜିତ ଏକ କର୍ମଶାଳାରେ ଓଡ଼ିଶା ବନ ନିଗମ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ବି.କେ. ପଟ୍ଟନାୟକ ଯୋଗଦେଇ କହିଲେ ଯେ, ଲଘୁ ବନଜାତ ଦ୍ରବ୍ୟ, ଔଷଧୀୟ ଉଦ୍ଭିଦର ବଜାର ପାଇଁ ଚିନ୍ତା କରାଯାଉଛି । ସମ୍ପ୍ରତି ଔଷଧୀୟ ଉଦ୍ଭିଦ ଓ ଜୈବ ଡିଜେଲ ଭଳି କୃଷି ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ବଜାର ସୁବିଧା ନଥିବା ଯୋଗୁଁ ଲଘୁ ବନଜାତ ଦ୍ରବ୍ୟର ଉଚିତ ବଜାର ନାହିଁ । ଏହି କର୍ମଶାଳାରେ ସମ୍ମାନୀତ ଅତିଥି ଭାବେ ଦକ୍ଷିଣା ଳ ରାଜସ୍ୱ କମିଶନର ଡଃ. ଅରୁଣ କୁମାର ପଣ୍ଡା ଯୋଗଦେଇ ଜୈବ ଡିଜେଲ ଜେଟ୍ରୋଫା ଚାଷ ଉପରେ ଗୁରୁତ୍ୱାରୋପ କରିଥିଲେ । ବନସଂରକ୍ଷକ ଏସ୍‌ଏସ୍ ଶ୍ରୀବାସ୍ତବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଡଃ. ଉମେଶ ଚନ୍ଦ୍ର ପଟ୍ଟନାୟକ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ । ବନ ନିଗମର ଜେନେରାଲ ମ୍ୟାନେଜର ଜେ.ପି. ସିଂହ କର୍ମଶାଳାର ଆଭିମୁଖ୍ୟ ପ୍ରକାଶ କରିଥିଲେ । ଗଞ୍ଜାମ ଜିଲ୍ଲାପାଳ ସଞ୍ଜୟ ସିଂ, ଡିଏଫ୍‌ଓ ଅଭୟକାନ୍ତ ପାଠକଙ୍କ ସହ ବହୁ ବିଭାଗୀୟ ଉଚ୍ଚ ପଦାଧିକାରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକ ୍ମାନେ ଯୋଗଦେଇଥିଲେ ।

**ସମୟ : ୨୨।୧।୦୫**

## ପ ାୟତର କ୍ଷତି, ଚୋରା ଚାଲାଣକାରୀଙ୍କ ଲାଭ । ସଂରକ୍ଷିତ ଜଙ୍ଗଲରୁ ଛତୁ ଓ ଫୁଲର ଚୋରାଚାଲାଣ

ସଂରକ୍ଷିତ ଜଙ୍ଗଲରୁ ବହୁଳ ପରିମାଣରେ ଛତୁ ଓ ଫୁଲ ଭଳି ଜଙ୍ଗଲଜାତ ଦ୍ରବ୍ୟଗୁଡ଼ିକର ରାଜ୍ୟ ବାହାରକୁ ଚୋରାଚାଲାଣ ହେଉଥିବା ଫଳରେ ପ ାୟତ ଓ ଜିଲ୍ଲା ପ୍ରଶାସନ ରାଜସ୍ୱ ପାଇବାରୁ ବ ୍ତ ହେଉଛନ୍ତି । ଯଦିଓ ଏହି ବେଆଇନ ବ୍ୟବସାୟ ଅନେକ ଦିନଧରି ଚାଲି ଆସୁଛି, ପ ାୟତଗୁଡ଼ିକ ଛତୁରୁ ମିଳୁଥିବା ରାଜସ୍ୱ ବିଷୟରେ ଅବଗତ ନୁହଁନ୍ତି ।

ବନଖଣ୍ଡ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ ଯେ ଗ୍ରାମ ପ ାୟତଗୁଡ଼ିକ ୬୮ଟି ଲଘୁବନଜାତ ଦ୍ରବ୍ୟ ଉପରୁ ରୟାଲଟି ସଂଗ୍ରହ କରିବାକୁ କ୍ଷମତାପ୍ରାପ୍ତ ହୋଇଛନ୍ତି । ଯଦିଓ , ସ୍ୱତନ୍ତ୍ର ପ୍ରକାରର ଫୁଲ ଓ ଛତୁ ନିମନ୍ତେ ଟିକସ ଦେବାକୁ ପଡେ ନାହିଁ । ଅନେକଗୁଡ଼ିଏ ଲଘୁ ବନଜାତ ଦ୍ରବ୍ୟର ଅନ୍ତର୍ଭୁକ୍ତ ହୋଇଥିବାରୁ ଏଥିରୁ ରୟାଲଟି ସଂଗ୍ରହ କରାଯାଇପାରେ ।

କଙ୍କଡାହାଡ ବ୍ଲକର ଏକୁଲ ଓ ଅନ୍ୟ ଗ୍ରାମର ଆଦିବାସୀମାନଙ୍କ ମତରେ ବାହାଡାପାଳ ଗ୍ରାମରେ ରହୁଥିବା ଏକ କ ୍ାକ୍ଟର ପ୍ରଭୁତ ପରିମାଣ ଛତୁ ସ୍ଥାନୀୟ ଲୋକଙ୍କ ମାଧ୍ୟମରେ ଜଙ୍ଗଲରୁ, ଏପରିକି ରଞ୍ଜଗଡ ସଂରକ୍ଷିତ ଜଙ୍ଗଲରୁ ସଂଗ୍ରହ କରି ସେଗୁଡ଼ିକ ଉଚ୍ଚ ଦରରେ କଲିକତା ବଜାରରେ ବିକ୍ରି କରନ୍ତି । ସେ ଏହି ଛତୁ ସଂଗ୍ରହ ନିମନ୍ତେ କୌଣସି ଅନୁମତି ସଂଗ୍ରହ କରନ୍ତି ନାହିଁ କିମ୍ବା ଏଥିନିମନ୍ତେ କୌଣସି ରୟାଲଟି ଦିଅନ୍ତି ନାହିଁ ।

ଛତୁ ସଂଗ୍ରହରେ ନିୟୋଜିତ ଜଣେ ଆଦିବାସୀ ନିଜର ନାମ ପ୍ରକାଶ ନ କରି କହିଲେ ଯେ ଗୋଟିଏ କିଲୋଗ୍ରାମ ଛତୁ ସଂଗ୍ରହ ନିମନ୍ତେ ତାଙ୍କୁ ୨୫ ଟଙ୍କା ମିଳିଥାଏ । ଛତୁ ଶାଳଗଛରୁ ସଂଗୃହୀତ ହେଉଥିବା ବେଳେ ଫୁଲ ଅତାଏଣ୍ଠି ଓ ଅନ୍ୟାନ୍ୟ ଗଛରୁ ବର୍ଷକୁ ୫ ମାସ ବ୍ୟବହାର କରି ବିଭିନ୍ନ ଘରସଜ୍ଜା ଉପକରଣ ଓ ଖେଳନା ପ୍ରସ୍ତୁତ କରାଯାଇଥାଏ ।

ସଂଗ୍ରହ ପରେ ଏହି ଜିନିଷଗୁଡ଼ିକ କେଉଁଝରକୁ ଯାଇଥାଏ ଏବଂ ଏଠାରୁ ରାଜ୍ୟ ବାହାରକୁ ପଠାଯାଇଥାଏ । ପ୍ରାପ୍ତ ବିବରଣୀରୁ ଜଣାଯାଏ ଯେ ୩୦ ଲକ୍ଷ ଟଙ୍କାର ଛତୁ ପ୍ରତିବର୍ଷ ସଂରକ୍ଷିତ ଜଙ୍ଗଲରୁ ସଂଗୃହିତ ହୋଇଥାଏ ।

ବନଖଣ୍ଡ ଅଧିକାରୀ ଶଶିପଲ୍‌ଙ୍କୁ ପଚାରିବାରୁ ସେ କହିଲେ ଯେ ଯଦି ଛତୁ ଓ ଫୁଲ ନିୟମିତ ଭାବରେ ବ୍ୟବସାୟିକ ଭି ିରେ ବାହାରକୁ ଯାଉଛି, ତେବେ ଗ୍ରାମ ପ ାୟତ ଏଥି ନିମନ୍ତେ ରୟାଲଟି ଧାର୍ଯ୍ୟ କରିପାରିବ । ସେ କହିଲେ ଯେ ଏହି ଜିନିଷଗୁଡ଼ିକ ଜଙ୍ଗଲ ବିଭାଗର ପରିସରଭୁକ୍ତ ନୁହେଁ ।

**ଇଣ୍ଡିଆନ ଏକ୍ସପ୍ରେସ : ୧୮।୧।୦୫**

# ଉପକାରୀ ଔଷଧୀୟ ବୃକ୍ଷ ଅରଖ

ଅରଖ ବା ଅର୍କ ଏକ ଗୁଳ୍ମଜାତୀୟ ଉଦ୍ଭିଦ । ଏହା ତିନି ରୁ ଛଅ ଫୁଟ ଉଚ୍ଚତା ବିଶିଷ୍ଟ ହୋଇଥାଏ । ପ୍ରାଚୀନ ଆୟୁର୍ବେଦ ଶାସ୍ତ୍ରରେ ଅରଖକୁ ଏକ ଅମୂଲ୍ୟ ବନୌଷଧିଭାବେ ଅଭିହିତ କରାଯାଇଛି । ଏହି ଗଛ ଶୁଷ୍କ ଭୂମିରେ ଜଙ୍ଗଲରେ ଓ ପ୍ରାୟ ପ୍ରତ୍ୟେକ ବାଡ଼ି ବଗିଚାରେ ଦେଖିବାକୁ ମିଳିଥାଏ । ଅରଖ ସାଧାରଣତଃ ଦୁଇ ପ୍ରକାରର ଶ୍ୱେତଅରଖ ଓ ରକ୍ତଅରଖ । ଏହି ଗଛର ଏକ ପ୍ରକାର ବିଷାକ୍ତ ପ୍ରକ୍ରିୟା ଥିବାରୁ ଏହା ଔଷଧୀୟ ବ୍ୟବହାର କଲାବେଳେ ମାତ୍ରା ଅନୁସାରେ ସେବନ କରିବାକୁ ହୋଇଥାଏ । ଏହାର ମାତ୍ରାଧିକ ସେବନ କ୍ଷତିକାରକ ଅଟେ ।

ଏହାର ଫୁଲଗୁଡ଼ିକ ଧଳାରଙ୍ଗର ପେଣ୍ଡା ପେଣ୍ଡା ହୋଇ ଫୁଟିଥାଏ । ବେଳେ ବେଳେ ଏହି ଫୁଲ ଜାମୁକୋଳି ରଙ୍ଗର ମଧ୍ୟ ହୋଇଥାଏ । ଫଳଗୁଡ଼ିକ ସାଧାରଣତଃ ବଡ଼ ଏବଂ ପାଚି ଫାଟିଗଲେ ଏହା ଭିତରୁ ତୁଳାଭଳି ସୂତା ବାହାରିଥାଏ । ଏହି ଗଛରେ କ୍ଷୀର ରଙ୍ଗର ଅଠା ପ୍ରଚୁର ମହଜୁଦ ଥାଏ । ଏହାର ଡାଳ କିମ୍ବା ପତ୍ର ଭାଙ୍ଗିଦେଲେ ସଙ୍ଗେ ସଙ୍ଗେ ଏହି ଅଠା ନିର୍ଗତ ହୁଏ, ଏହାର ଫଳ ମଧ୍ୟରେ ଅଧ ଇ ଲମ୍ୱର ଛୋଟ କଳା କଳା ମଞ୍ଜି ଥାଏ । ପତ୍ରଗୁଡ଼ିକ ଚଉଡା ଓ ଆୟତାକାର ହୋଇଥାଏ ।

ଏହାର ଔଷଧୀୟ ପ୍ରୟୋଗ ବିଷୟରେ ସଂଗୃହୀତ କେତେକ ତଥ୍ୟ ନିମ୍ନରେ ଦିଆଯାଇଛି ।

**ସାପ କାମୁଡ଼ିଲେ** ତତ୍‌କ୍ଷଣାତ୍ ଅରଖକ୍ଷୀରକୁ ସାପ କାମୁଡ଼ିବା ସ୍ଥାନରେ ଲଗାଇବ ଏବଂ ଏହାର ପତ୍ରକୁ ହାତରେ ମକଚି ସାପ କାମୁଡ଼ିଥିବା ଲୋକକୁ ବାରମ୍ବାର ଶୁଙ୍ଘାଇବ । ଏହି ରସକୁ ନାକ ଭିତରେ ଦେଇ ତେଣ୍ଡେଇଲେ ଉପଯୋଗୀ ହୋଇଥାଏ ।

ଶ୍ୱେତ ଅରଖମୂଳ ରସ ସହ ଦଶ/ବାର ବୁନ୍ଦା ଗଇସ ପତ୍ର ରସ ମିଶାଇ ସାପ କାମୁଡ଼ିଥିବା ଲୋକକୁ ପିଆଇଲେ ଉପଶମ ମିଳିଥାଏ ।

**କୁକୁର କାମୁଡ଼ିଲେ** ଅରଖ କ୍ଷୀର, ଗୁଡ ଓ ତେଲକୁ ଏକାଠି ବାଟି କୁକୁର କାମୁଡ଼ିବା ସ୍ଥାନରେ ଲେପ ଦେଲେ ବିଷ ଦୂର ହୋଇଥାଏ ।

**କଙ୍କଡ଼ା ବିଛା କିମ୍ବା ବିଷାକ୍ତ ପୋକ କାମୁଡ଼ିଲେ** କାମୁଡ଼ିବା ସ୍ଥାନରେ ଅରଖ କ୍ଷୀର ଲେପ ଦେଇ ନିଆଁକୁ ଦେଖାଇଲେ ବିଷ ଜ୍ୱାଳାରୁ ମୁକ୍ତି ମିଳିଥାଏ ।

**କୁଷ୍ଠ ଓ ଧବଳ କୁଷ୍ଠ** ରୋଗର ଅରଖ ପତ୍ରର କ୍ଷୀରକୁ ସୋରିଷ ତେଲରେ ମିଶାଇ ପ୍ରଲେପ ଦେଲେ ସୁଫଳ ମିଳିଥାଏ ।

**ଶ୍ୱାସ ଓ କାଶ** ରୋଗରୁ ଉପଶମ ପାଇବା ନିମନ୍ତେ ଦଶଟି ଅରଖ ଫୁଲକୁ ଘିଅରେ ଭାଜି ଚୂନା କରିବ । ସେହି ଚୂନାରୁ ସୁଉକିଏ ଓଜନର ଦୈନିକ ୩ ଦିନ ସେବନ କରିବାକୁ ହୋଇଥାଏ । ଯଦି ଶ୍ୱାସରୋଗ, କାଶ ଓ କଫ ଅନେକ ଦିନଧରି ଲାଗି ରହିଥାଏ ତେବେ ଅରଖଫୁଲକୁ ଶୁଖାଇ ଗୁଣ୍ଡକରି ସମାନ ପରିମାଣର ଗୋଲମରିଚ଼ଗୁଣ୍ଡ ମିଶାଇ ବୋତଲରେ ରଖିବ । ପ୍ରତି ତିନିଦିନରେ ଥରେ ଏହି ଗୁଣ୍ଡରୁ ଗ୍ରାମେ/ ଦେଢ଼ଗ୍ରାମେ ଉଷୁମ ପାଣି ସହ ସାତଥର ଖାଇଲେ ଏହା ଉପଶମ ହୋଇଥାଏ ।

**କାନବିନ୍ଧା ରୋଗ** ନିମନ୍ତେ ଅରଖପତ୍ର ରସକୁ ଅଳ୍ପ ଉଷୁମ କରି ଦିନକୁ ଥରେ କରି ଟୋପାଏ ଲେଖାଏଁ ପା ଦିନ କାନରେ ପକାଇଲେ ଏଥିରୁ ଉପଶମ ମିଳିଥାଏ । କାନ ପାଚି ପୂଜ ବାହାରୁଥିଲେ ମଧ୍ୟ ଏହା କାମ ଦେଇଥାଏ ।

**ଏକଶିରା ଓ କୋଷବୃଦ୍ଧି** ନିମନ୍ତେ ୧୦ ଗ୍ରାମ ଅରଖପତ୍ର ସହ ୧୦ ଗ୍ରାମ ସୈନ୍ଧବ ଲବଣକୁ ଏକତ୍ର ବାଟି ଉଷୁମ କରି କୋଷ ଉପରେ ଲଗାଇବ । ଏହିପରି ତିନିଦିନ କଲାପରେ ଏଥିରୁ ଉପଶମ ମିଳିବ ।

**କୋଷ୍ଠବଦ୍ଧତା** ନିମନ୍ତେ ଦୁଇ ତିନି ବୁନ୍ଦା ଅରଖ କ୍ଷୀରକୁ ଚିନି ସହ ସେବନ କଲେ ଉପକାର ମିଳିଥାଏ ।

**ପାରାଲିସିସ୍ ବା ଗୋଡ ହାତ ଅଚଳ** ରୋଗର ପ୍ରତିକାର ନିମନ୍ତେ ଅରଖ ଅତ୍ୟନ୍ତ ଉପଯୋଗୀ । କିଛି ରାଶି ତେଲକୁ କଡ଼େଇରେ ଟକ୍‌ମକ୍ କରି ଫୁଟାଇବା ଦରକାର । ଏହି ତେଲରେ ଗୋଟିଏ ଅରଖ ପତ୍ର ପକାଇ ତାହା ପୋଡ଼ି ଗଲା ପରେ ଲୁହା କରଚୁଲି ବା ଖଡିକା ସାହାଯ୍ୟରେ ତାକୁ ତେଲ ସହ ସଂପୂର୍ଣ୍ଣ ଭାବେ ମିଳାଇବା ଆବଶ୍ୟକ । ଏହି ପ୍ରକ୍ରିୟାରେ ଗୋଟିଏ ପରେ ଗୋଟିଏ ୧୫ ରୁ ୨୦ଟି ପତ୍ର ସେହି ଫୁଟନ୍ତା ତେଲରେ ମିଶାଇଲା ପରେ ସେହି ତେଲକୁ ସଫା କନାରେ ଛାଣି ବୋତଲରେ ରଖିବାକୁ ହେବ । ଯେଉଁ ହାତ କିମ୍ବା ଗୋଡ ଚାଲୁନଥିବ ଏହି ତେଲକୁ ସେହି ଅଙ୍ଗରେ ମାଲିସ୍ କଲେ ସୁଫଳ ମିଳିଥାଏ ।

**ମୁହଁର କଳା ଦାଗ ଦୂର ପାଇଁ** ସକାଳେ ଅରଖ କ୍ଷୀରକୁ କିଛି ବଟା ହଳଦି ସହ ଭଲ ଭାବେ ମିଶାଇ ସନ୍ଧ୍ୟା ପର୍ଯ୍ୟନ୍ତ ରଖାଯାଏ । ସନ୍ଧ୍ୟାରେ ଏହି ମିଶ୍ରଣକୁ ମୁହଁରେ ଭଲ ଭାବେ ଘଷି ଘଷି ଲଗାଇବେ । ହଳଦୀ ଶୁଖିଗଲା ପରେ ମୁହଁକୁ ଭଲ ଭାବେ ଧୋଇଦେବା ଆବଶ୍ୟକ । ଏହିପରି କିଛି ଥରେ କଲେ ମୁହଁରୁ କଳା ଦାଗ ଦୂର ହୋଇଥାଏ ।

**ଆଖିପତାରେ ବ୍ରଣ/ଆଲୁଅ ହେଲେ, ଆଖିରୁ ପାଣି ଗଡ଼ିଲେ ବା ଆଖି ଧରା ହେଲେ** ଏହା ଯଦି ବାମ ଆଖିପତାରେ ହୋଇଥାଏ ତେବେ ଡ଼ାହାଣ ଗୋଡ ବୁଢ଼ା ଆଙ୍ଗୁଠି ନଖ ଉପରେ ଏବଂ ଡ଼ାହାଣ ଆଖିପତାରେ ହୋଇଥାଏ ତେବେ ବାମ ଗୋଡ ବୁଢ଼ା ଆଙ୍ଗୁଠି ନଖ ଉପରେ ଶ୍ୱେତ ଅରଖ କ୍ଷୀର ପା ସାତ ଟୋପା ଲଗାଇଲେ ଉପକାର ମିଳିଥାଏ ।

## ଲଘୁ ବନଜାତ ଦ୍ରବ୍ୟର ମୂଲ୍ୟ ନିର୍ଦ୍ଧାରଣ

ଗତ ତା ୧୧।୧୦।୦୪ରିଖ ସିନାପାଲି ପ ।ୟତ ସମିତି ବୈଠକରେ ନିମ୍ନୋକ୍ତ ଲଘୁବନଜାତ ଦ୍ରବ୍ୟଗୁଡ଼ିକର ୨୦୦୪-୦୫ ସଂଗ୍ରହ ବର୍ଷ ନିମନ୍ତେ ସର୍ବନିମ୍ନ ସଂଗ୍ରହ ମୂଲ୍ୟ ନିର୍ଦ୍ଧାରଣ କରାଯାଇଥିଲା ।

| କ୍ର.ନଂ. | ଦ୍ରବ୍ୟର ନାମ | ଦର/କି.ଗ୍ରା |
|---|---|---|
| ୧. | ହରିଡ଼ା | ଟ. ୬.୦୦ |
| ୨. | ବାହାଡ଼ା | ଟ. ୨.୦୦ |
| ୩. | ଅଁଳା (କ ।) | ଟ. ୬.୦୦ |
| ୪. | ଗୁର (ମଞ୍ଜି ସହ) | ଟ. ୧୫.୦୦ |
| ୫. | ମହୁଲ ଫୁଲ | ଟ. ୧୦.୦୦ |

ଅନ୍ୟାନ୍ୟ ଦ୍ରବ୍ୟଗୁଡ଼ିକ ନିମନ୍ତେ ୨୦୦୩-୦୪ (ପୂର୍ବବର୍ଷ)ରେ ସ୍ଥିରିକୃତ ହୋଇଥିବା ଦର ଅପରିବର୍ି ତ ରହିଲା ।

## ଓଡ଼ିଶାସରକାର
## ଜଙ୍ଗଲ ଓ ପରିବେଶ ବିଭାଗ

ଭୁବନେଶ୍ୱର ତା୩।୧।୨୦୦୫

ନଂ କେ.ଏଲ୍(ବି) ୩।୦୫/୧୮୮୬/ ଏଫ୍ ଆଣ୍ଡ୍ ବି ଓଡ଼ିଶା କେନ୍ଦୁପତ୍ର (ବ୍ୟବସାୟ ନିୟନ୍ତ୍ରଣ) ଆଇନ, ୧୯୬୧ (ଓଡ଼ିଶା ଆଇନ ୧୯୬୧ର ୨୮) ର ଧାରା ୪ର ଉପଧାରା (୧) ଅନୁଯାୟୀ ରାଜ୍ୟ ସରକାର କେନ୍ଦୁ ପତ୍ର ଉପଦେଷ୍ଟା କମିଟି ସହ ପରାମର୍ଶ କରି ସେମାନଙ୍କ ଦ୍ୱାରା କିମ୍ବା ସେମାନଙ୍କର ସ୍ୱୀକୃତୀପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ୨୦୦୫ ମସିହାରେ ସମସ୍ତ କେନ୍ଦ୍ରରେ ନିମ୍ନୋକ୍ତ ଦରରେ କେନ୍ଦୁପତ୍ର ଖରିଦ କରିବେ ।

କ) ଦୁଇଟି ଉପର ପତ୍ର ସହ ୨୦ଟି ବିଡି ତିଆରି ନିମନ୍ତେ ଉପଯୁକ୍ତ କ ।ପତ୍ରକୁ ପ୍ରୋସେସ୍ ଅ ଳରେ ତୋଳାଳୀଙ୍କଠାରୁ ୨୧.୫ ପଇସା ଦରରେ କିଣାଯିବ ।

ଖ) ଦୁଇଟି ଉପରପତ୍ର ସହ ୪୦ଟି ବିଡି ତିଆରି ନିମନ୍ତେ କ ।ପତ୍ରକୁ (ଏକକେରୀ) ଉପଯୁକ୍ତ ଫାଳ ଅ ଳରେ ତୋଳାଳୀଙ୍କଠାରୁ ୪୩ ପଇସା ଦରରେ କିଣାଯିବ ।

ସରକାରଙ୍କ ଆଦେଶମତେ

**ବିନୋଦ କୁମାର**
ସରକାରଙ୍କ ସ୍ୱତନ୍ତ୍ର ସଚିବ

---

## ଲଘୁବନଜାତ ଦ୍ରବ୍ୟଗୁଡ଼ିକର ପ୍ରଚ଼ଳିତ ବଜାର ଦର

**(ତା ୨୮।୨।୨୦୦୫ରେ ସଂଗୃହୀତ)** **(କିଲୋ ପ୍ରତିଦର ଟଙ୍କାରେ)**

| ବଜାର/ଦ୍ରବ୍ୟ | କ ।ବାଞ୍ଜି | ବ୍ରହ୍ମପୁର | ବନ୍ଧୁଗାଁ | କଲିକତା | ନୂଆଦିଲ୍ଲୀ |
|---|---|---|---|---|---|
| ଅଁଳା (ପ୍ରକ୍ରିୟାକରଣ ହୋଇଥିବା) | ୨୮.୦୦ | ୨୬.୦୦ | -- | ୩୦.୦୦ | ୨୮.୦୦ |
| ହରିଡ଼ା | ୨.୦୦ | ୨.୦୦ | -- | ୨.୫୦ | ୨.୦୦ |
| ବାହାଡ଼ା | ୧.୫୦ | ୧.୦୦ | -- | ୧.୫୦ | ୧.୫୦ |
| ତେନ୍ତୁଳି | ୫.୦୦ | ୫.୦୦ | ୪.୦୦ | ୫.୦୦ | ୫.୦୦ |
| ମହୁଲ ଫୁଲ | ୪.୦୦ | -- | -- | ୬.୦୦ | -- |
| ମହୁଲ ମଞ୍ଜି | -- | -- | -- | ୧୮.୦୦ | -- |
| ଫୁଲ ଝାଡୁ | ୩୫.୦୦ | ୩୫.୦୦ | -- | ୩୦.୦୦ | -- |
| ଧାତକି ଫୁଲ | ୪.୦୦ | ୬.୦୦ | -- | ୬.୦୦ | ୬.୦୦ |
| ଅଶ୍ୱଗନ୍ଧା | ୨୮.୦୦ | ୧୮.୦୦ | -- | ୨୮.୦୦ | ୩୮.୦୦ |
| ଶିଆଳିପତ୍ର | -- | -- | ୪.୦୦-୫.୦୦ | -- | -- |

# ବୃ ି ଏ ମୋ' ପୋଷେ କୁଟୁମ୍ବ



ପୁରୁଷ ପୁରୁଷ ଧରି ଶସ୍ୟ ସାଇତିବା ନିମନ୍ତେ ବାଉଁଶରେ ଡୋଲି ତିଆରି କରୁଥିବା ଏହି କଳାକୁ ଆପଣେଇ ନେଇଛନ୍ତି ନୂଆ ପୀଢ଼ିର ଯୁବଗୋଷ୍ଠୀମାନେ


ଝାର୍‌ଝାର୍

ଫେବୃୟାରୀ-୨୦୦୫

(କେବଳ ଘରୋଇ ପ୍ରସାରଣ ନିମି )



**ରିଜିଓନାଲ୍ ସେ ର୍ ଫର୍ ଡେଭେଲପ୍‌ମେ  କୋଅପରେସନ୍**
**(ଆର୍.ସି.ଡି.ସି.)**
୪୨୪, ଶହୀଦ ନଗର
ଭୁବନେଶ୍ୱର-୭୫୧୦୦୭
ଫୋନ୍-(୦୬୭୪)୨୫୪୭୮୧୩/୨୫୪୭୫୮୫/୨୫୪୭୮୯୭
Website : www.banajata.org

**ବଲାଙ୍ଗୀର ଅଫିସ୍**
ଆର୍.ସି.ଡି.ସି.
କୋଶଳ ନଗର, ବଲାଙ୍ଗୀର-୭୬୭୦୦୨
ଫୋନ୍-୦୬୬୫୨-୨୫୧୧୨୧

**ନବରଙ୍ଗପୁର ଅଫିସ୍**
ଆର୍.ସି.ଡି.ସି.
ମଦର ଟେରେସା ମାର୍ଗ
ନବରଙ୍ଗପୁର-୭୬୪୦୫୯
ଫୋନ୍-୦୬୫୮-୨୨୩୭୯୨

**କୋରାପୁଟ ଅଫିସ୍**
ଆର୍.ସି.ଡି.ସି.
ପୁଜାରୀପୁଟ୍
କୋରାପୁଟ-୭୬୪୦୨୦

**କଳାହାଣ୍ଡି ଅଫିସ୍**
ଆର୍.ସି.ଡି.ସି.
ଭବାନୀପାଟଣା, କଳାହାଣ୍ଡି-୭୬୬୦୦୧
ଫୋନ୍-୦୬୬୭୦-୨୩୩୯୪୯

**ରାୟପୁର ଅଫିସ୍**
ଆର୍.ସି.ଡି.ସି.
ଶଙ୍କର ନଗର, ରାୟପୁର-୪୯୨୦୦୭
ଫୋନ୍-୦୭୭୧-୨୪୪୩୨୭୩